## ସଂକ୍ଷେପରେ

### ସାପ କାମୁଡ଼ାରେ ଛାତ୍ରୀ ମୃତ



ବାଲିଚନ୍ଦ୍ରପୁର, ୧୨।୭ (ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗୋବଣ୍ଡିଆ ଗ୍ରାମର ଜଣେ ଛାତ୍ରୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅରୁଣ ଧଳଙ୍କ ଝିଅ ଅର୍ଚ୍ଚିତା ଧଳ(୯)। ମଙ୍ଗଳବାର ରାତିରେ ସେ ପଡ଼ୋଶୀଙ୍କ ଘରେ ଭୋଜି ଖାଇସାରି ଆସି ଘରେ ଶୋଇଥିଲେ। ପରେ ପେଟ ଯନ୍ତ୍ରଣା ହେବାରୁ ସେ ଉଠିପଡ଼ି ବାନ୍ତି କରିଥିଲେ। ପରିବାର ଲୋକେ ଭୋଜି ଖାଇବା ଦ୍ୱାରା ବାନ୍ତି ହୋଇଥିବା ଭାବିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଅର୍ଚ୍ଚିତାଙ୍କ ନାକ ଓ ପାଟିରୁ ଫେଣ ବାହାରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ। ମୃତଦେହ ବୁଧବାର ଗୋବଣ୍ଡିଆରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଅର୍ଚ୍ଚିତା ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ଗୋବଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢ଼ୁଥିଲେ।

### ଶତାୟୁ ଚାଷୀଙ୍କ ପରଲୋକ

ବ୍ରହ୍ମବରଦା,୧୨।୭(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତ ସାହାପଡ଼ା ଗ୍ରାମର ଶତାୟୁ ଚାଷୀ ଧନେଶ୍ୱର ସ୍ୱାଇଁଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଭାଜପା ନେତା ପ୍ରଫୁଲ୍ଲ ଗିରି, ଅନିଲ ରାଉତ, ସାମାଜିକକର୍ମୀ ମଣ୍ଟୁ ଦାସ, ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରାଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଧନେଶ୍ୱର ଏକାଧାରରେ ଜଣେ ମେଳାପି, ପରୋପକାରୀ, ସାମାଜିକ କର୍ମୀ ଓ ଜଣେ ସଫଳ ଚାଷୀ ଭାବେ ବନ୍ଧଡ଼ିହ ଓ ଏହାର ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ଼ ପୁଅ ବାବୁଲି ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ଧନେଶ୍ୱରଙ୍କ ବିୟୋଗରେ ସ୍ଥାନୀୟ



# ସୁଧୁରୁନି ବନ୍ୟାଞ୍ଚଳ ରାସ୍ତା, କଲଭର୍ଟ

ଯାଜପୁର,୧୨।୭(ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧**
- ବର୍ଷା ମାସରେ ପୁନଃନିର୍ମାଣ ପ୍ରସ୍ତାବ
- ୨.୬୦ କୋଟି ଟଙ୍କା ବ୍ୟୟ ଅଟକଳ
- ମରାମତି ନାମରେ ଅନୁଦାନ ହଡ଼ପ

ପ୍ରାକୃତିକ ବିପର୍ଯ୍ୟୟରେ ବର୍ଷ ବର୍ଷର ସଞ୍ଚିତ ସମ୍ବଳ, ବୃକ୍ଷଲତା, ଚାଷବାସ, ପଲ୍ଲୀ ଜୀବନ, ପ୍ରାଣୀ ସମ୍ପଦ ପ୍ରଭୃତି କ୍ଷୟକ୍ଷତି ହେଉଛି। ଏଥିରେ ବନ୍ୟା ବିପନ୍ନମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି । ହେଲେ ଗ୍ରାମ୍ୟ ନିର୍ମାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କେତେଜଣ ବିଭାଗୀୟ ଅଧିକାରୀ ଏହାର ବେଶ୍ ଫାଇଦା ନେଉଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ରାସ୍ତାଘାଟ ନାମରେ ବିପୁଳ ଅର୍ଥ ଆବଣ୍ଟିତ ହେଉଛି। ହେଲେ ବର୍ଷ ବର୍ଷ ଧରି ଗ୍ରାମ୍ୟ ରାସ୍ତାଗୁଡ଼ିକ ସୁଧୁରି ପାରୁ ନ ଥିବାରୁ ପୁଣି ବର୍ଷା ମାସ ଆସିଲେ ପ୍ରଭାବିତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏହାପରେ ଲୋକଙ୍କ ଅଭିଯୋଗ ଆଧାରରେ ବିଭିନ୍ନ ପ୍ରକଳ୍ପର ମରାମତି ଏବଂ ପୁନଃନିର୍ମାଣ ପାଇଁ ଆସୁଥିବା ଅର୍ଥକୁ ମିଳିମିଶି ଲୁଟ୍ କରାଯାଉଥିବା ମତପ୍ରକାଶ ପାଇଛି। ଏହାବାଦ୍ ପୂର୍ବରୁ ଯୋଜନା ନ କରି ଏବେ ବର୍ଷା ମାସରେ କଲଭର୍ଟଗୁଡ଼ିକର ପୁନଃନିର୍ମାଣ ପ୍ରସ୍ତାବ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୨୦୨୨ ଅଗଷ୍ଟରେ ହୋଇଥିବା ବନ୍ୟାରେ ଯାଜପୁର ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଅଭୂତପୂର୍ବ କ୍ଷତି ହୋଇଥିଲା। ଏକାଧିକ ଘାଇ ସୃଷ୍ଟି ହେବା ଯୋଗୁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ କେତେକାଂଶରେ ପକ୍କା ରାସ୍ତାଗୁଡ଼ିକ ମଧ୍ୟ ଭାଙ୍ଗି ଯାଇଥିଲା। ଏହାପରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବନ୍ୟା କ୍ଷତିଗ୍ରସ୍ତ ନାମରେ ଅର୍ଥ ଆବଣ୍ଟିତ କରାଯାଇ କେତେକ ରାସ୍ତା ଓ କଲଭର୍ଟର ମରାମତି ହୋଇଥିଲା। ଏବେ ବର୍ଷା ଋତୁ ଆସିଯିବା ପରେ ପୁଣି ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ପକ୍ଷରୁ ୧୦ଟି ଭଙ୍ଗା ବା କ୍ଷତିଗ୍ରସ୍ତ କଲଭର୍ଟର ପୁନଃ ନିର୍ମାଣ ନାମରେ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଚିତାଲୋ କଲେଜ ଆପ୍ରୋଚ ରୋଡର କଲଭର୍ଟ ପୁନଃନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା, ପୁରୁଷୋତ୍ତମପୁର ହାଇସ୍କୁଲଠାରୁ କଳାସପୁର ଭାୟା କୁସୁନୁପର ରାସ୍ତାରେ ଥିବା ମାଇନର କଲଭର୍ଟ ପାଇଁ ୬୦ ଲକ୍ଷ ଟଙ୍କା, ବୁଢ଼ାଘାଟ ଷାଠିଆଟିକିରି ରାସ୍ତାର ମାଇନର ବ୍ରିଜ ପାଇଁ ୫୦ ଲକ୍ଷ ଟଙ୍କା, ଏମ୍‌ଡିଆର-୧୩ ରାସ୍ତାଠାରୁ ଛବାଟି ଗ୍ରାମର ଆରସିସି କଲଭର୍ଟ ପାଇଁ ୨୦ ଲକ୍ଷ ଟଙ୍କା, ବରୀ ନିର୍ବାଚନ ମଣ୍ଡଳୀର ସୁଜନପୁର ଗ୍ରାମର ଆପ୍ରୋଚ ରାସ୍ତାର ମାଇନର କଲଭର୍ଟ ପାଇଁ ୮ ଲକ୍ଷ ଟଙ୍କା, ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଟିସ୍କୋ ଗେଟ ଠାରୁ ଦେଓଗାଁ ରାସ୍ତାରେ ଥିବା ବକ୍ସସେଲ କଲଭର୍ଟ ପାଇଁ ୬୦ ଲକ୍ଷ ଟଙ୍କା, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଆରଡି ରାସ୍ତା ଠାରୁ ମୁରାରୀପୁର ରାସ୍ତାର କଲଭର୍ଟ ପାଇଁ ୧୦ ଲକ୍ଷ ଟଙ୍କା, ବଉତରା ହାଇସ୍କୁଲଠାରୁ ଜାଡୁଆ ଭାୟା ନଛିଦ୍ରପୁର ରାସ୍ତାର କଲଭର୍ଟ ପାଇଁ ୫ ଲକ୍ଷ ଟଙ୍କା, ପୂର୍ତ୍ତ ରାସ୍ତାଠାରୁ କୁଜି ବଡ଼ପାଲ ଏବଂ ଲଙ୍କାସାହି ଭାୟା ଅରେଇ ରାସ୍ତାର କଲଭର୍ଟ ପାଇଁ ୫ ଲକ୍ଷ ଟଙ୍କା, ଏବଂ କରପଦାଠାରୁ କୁଆଁରପୁର ଭାୟା ବଳଭଦ୍ରପୁର ରାସ୍ତାରେ ଥିବା କଲଭର୍ଟ ନିର୍ମାଣ ପାଇଁ ୨୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାବାଦ୍ ୧ କୋଟି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉତ୍ତରା ହାଇସ୍କୁଲଠାରୁ ଜାଡୁଆ ରାସ୍ତା ନିର୍ମାଣ ଶେଷ ହେବାର ମାତ୍ର ୨ ବର୍ଷ ପରେ ପୁଣି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏଥିରୁ ରାସ୍ତାଗୁଡିକର ନିର୍ମାଣ ଏବଂ ମରାମତି ଅତି ନିମ୍ନମାନର ହେଉଥିବା ମତପ୍ରକାଶ ପାଇଛି। ବର୍ଷା ମାସ ଆସିଲେ ନଦୀତଟବର୍ତ୍ତୀ ଅଞ୍ଚଳବାସୀ ବନ୍ୟା ଭୟରେ କାଳାତିପାତ କରିଥାନ୍ତି। ଏଭଳିସ୍ଥିତିରେ ବର୍ଷା ମାସରେ କଲଭର୍ଟ, ରାସ୍ତା ଆଦି ନିର୍ମାଣ ଯୋଜନା କରିବା ହରିଲୁଟ ପାଇଁ ଏକ ଅସାଧୁ ଉପାୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ଆବଣ୍ଟିତ ଅର୍ଥ ସୂଚାରୁରୂପେ ବିନିଯୋଗ ହେଉଛି ଏବଂ ମରାମତିର ଆବଶ୍ୟକତା ଦୃଷ୍ଟିରୁ ପ୍ରସ୍ତାବ ଯାଇଛି ବୋଲି କହିଛନ୍ତି।



ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା ।

### ଅବଦୁଲ କଲାମ ବିଦ୍ୟାଳୟରେ ଚାରାରୋପଣ

ବଡ଼ଚଣା,୧୨।୭ (ଦିଲୀପ କୁମାର ମହାନ୍ତି): ମହାନ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ନାମରେ ନାମିତ ବଡ଼ଚଣା ବ୍ଲକ ଅନ୍ତର୍ଗତ ଅକବରାବାଦ ମଡେଲ ପ୍ରାଇମେରି ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ରାଉତ ଯୋଗଦେଇ ବୃକ୍ଷ ପୂଜନ ପୂର୍ବକ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଚରଣ ଦାସ, ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ତଥା ଅନ୍ନପୂର୍ଣ୍ଣା ଥିଏଟର ପୁରୀ ଏବଂ କଟକ ରଙ୍ଗମଞ୍ଚର ବରିଷ୍ଠ କଣ୍ଠଶିଳ୍ପୀ ଗୋଲଖ ଚନ୍ଦ୍ର ଦାସ, ଉଦିୟମାନ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅନନ୍ତପ୍ରସାଦ ମହାଲା, ପ୍ରଧାନଶିକ୍ଷକ ଯଦୁମଣି ଦେହୁରି, ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସ, ସାମାଜିକ କର୍ମୀ ହୃଷୀକେଶ ସାମଲ, ସୁଧୀର ପ୍ରତାପ ସିଂହ, ସ୍ନେହଲତା ବାରିକ, ରଶ୍ମିତା ଦାସ, ହୃଷୀକେଶ ଦାସ ଓ ମନୋଜ ବରାଳ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ଚଳଚ୍ଚିତ୍ର ପ୍ରଯୋଜକଙ୍କ ଗିରଫ ଦାବି




ବରୀ ରାମଚନ୍ଦ୍ରପୁର ଥାନା ଆଗରେ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ କରାଯାଉଛି।

ବରୀ,୧୨।୭(ମହେନ୍ଦ୍ର ସ୍ୱାଇଁ): ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ର କେତେକ ସଂଳାପରେ ବାରମ୍ବାର ହରିଜନ ଶବ୍ଦ ବ୍ୟବହାର କରାଯାଇଛି। ଏହାକୁ ନେଇ ବୁଧବାର ବରୀ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ କରାଯିବା ସହ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ଓ ଲେଖକଙ୍କୁ ଗିରଫ ପାଇଁ ଦାବି ହୋଇଛି। ଏନେଇ ଏକ ଦାବିପତ୍ର ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆମ୍ବେଦକର ବିକାଶ ପରିଷଦର ସଭାପତି ଦୁର୍ଯ୍ୟୋଧନ ଦଳେଇଙ୍କ ନେତୃତ୍ୱରେ ଦଳିତ ସମ୍ପ୍ରଦାୟର କର୍ମକର୍ତ୍ତା ଓ ଶତାଧିକ ବ୍ୟକ୍ତି ଏକ ଶୋଭାଯାତ୍ରାରେ ଥାନାକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପରିଷଦ ସମ୍ପାଦକ ଦୁଷ୍ମନ୍ତ ସେଠୀ, ପୂର୍ବତନ ସରପଞ୍ଚ ରମାକାନ୍ତ ମଲିକ, ସମୀର ମଲିକ, ସୁଲଭ ମଲିକ, ଅଜୟ ଜେନା ଓ କୁଳମଣି ମଲିକ ପ୍ରମୁଖ ଯୋଗଦେଇ ଚଳଚ୍ଚିତ୍ର ହେଉଛି ସାମାଜିକ ପରିବର୍ତ୍ତନର ମାଧ୍ୟମ। କିନ୍ତୁ ଏଭଳି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଅପମାନିତ କରାଯିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଅପମାନିତ ହୋଇଥିବା ସମ୍ପ୍ରଦାୟ ରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ଥାନାରୁ ଚମ୍ପଟ୍ ମାରିଲେ ଅଭିଯୁକ୍ତ

ଆନନ୍ଦପୁର,୧୨।୭(ସନ୍ତୋଷ ରାଉତ/ରଞ୍ଜିତ କୁମାର ରଣା): କେନ୍ଦୁଝର ଜିଲା ଆନନ୍ଦପୁର ଥାନାରୁ ଜଣେ ଗିରଫ ଅଭିଯୁକ୍ତ ବୁଧବାର ଫେରାର ହୋଇଯାଇଛନ୍ତି। ଚୋରି କରିବା ଘଟଣାରେ ଅଭିଯୁକ୍ତ ଫକୀରପୁର ଗ୍ରାମର ଅମର ସାହୁକୁ ଆନନ୍ଦପୁର ପୋଲିସ ମାମଲା(ନଂ.୧୪୨/୨୩) ଆଧାରରେ ମଙ୍ଗଳବାର ଗିରଫ କରିଥିଲା। ବୁଧବାର ସକାଳ ସମୟରେ ଅଭିଯୁକ୍ତ ଅମର କାଳିମନ୍ଦିର ପଛପାଖ ଥାନା ପଚେରିଡେଇଁ ଫେରାର ହୋଇଯାଇଥିଲା। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଫକୀରପୁର ନିକଟ ବୈତରଣୀ ନଦୀର ବନ୍ଧ ରାସ୍ତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଥାନାରେ ଆଉ ଏକ ମାମଲା( ନଂ. ୧୪୩/୨୩)ରେ ରୁଜୁ ହୋଇଥିବା ଥାନା ଅଧିକାରିଣୀ ଦେବକୀ ନାଇକ ସୂଚନା ଦେଇଛନ୍ତି।

### ୨ ବାଲିଗାଡ଼ି ଜବତ

ପାଣିକୋଇଲି,୧୨।୭(ବିକାଶ ମଲ୍ଲିକ): ବ୍ୟାସନଗର ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ବୁଧବାର ମଧ୍ୟାହ୍ନରେ ଧନତ୍ରୀ ବାଲିଘାଟରେ ଅଚାନକ ଚଢ଼ାଉ କରି ୨ ବାଲିବୋଝେଇ ଗାଡ଼ି ଜବତ କରିଛନ୍ତି। ଘାଟରେ ଲୋଡ ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଭାରିଯାନ ଦେଖି ଅତିରିକ୍ତ ତହସିଲଦାର ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ପାଣିକୋଇଲି ଭାରାପ୍ରାପ୍ତ ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ ସଦଳବଳ ପହଞ୍ଚିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଏକ ୧୦ ଚକିଆ ଓ ଏକ ୬ ଚକିଆ ବାଲି ଗାଡ଼ିକୁ ଜବତ କରି ପୋଲିସ ଜିମା ଦେଇଥିଲେ। ତେବେ ୨୦ରୁ ଊର୍ଦ୍ଧ୍ୱ ଗାଡ଼ିକୁ ଛାଡ଼ି ସେ କାହିଁକି ମାତ୍ର ଦୁଇଟି ଗାଡି ଜବତ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତିରିକ୍ତ ତହସିଲଦାର ଘାଟ ଛାଡିବା ପରେ ବାଲି ଚାଲାଣ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଅତିରିକ୍ତ ତହସିଲଦାର ମଲ୍ଲିକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।ପ୍ରକାଶ ଥାଉକି, ଜୁନ ୨୬ ତାରିଖରେ ନଦୀ ବନ୍ଧର ସୁରକ୍ଷା ଓ ଯାତାୟାତର ଅସୁବିଧା ନେଇ ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ପରେ ତହସିଲ ନିର୍ଦ୍ଦେଶରେ ପାଣିକୋଇଲି ପୋଲିସ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ଘାଟ ବନ୍ଦ କରିଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବନ୍ଦଥିବା ଘାଟ ଚାଲୁ ରହିଥିଲା। ବାରମ୍ବାର ପ୍ରଶାସନ ପକ୍ଷରୁ ଘାଟ ବନ୍ଦ କରିବା ଓ ପୁଣି ଚାଲୁ କରିବା ପଛରେ କି ରହସ୍ୟ ରହିଛି ତାକୁ ସାଧାରଣରେ ବୁଝିବା କଷ୍ଟକର ବ୍ୟାପାର ହୋଇଛି।

# ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଶିବିରରେ ଡାକ୍ତରମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

**ଚିହ୍ନଟ ହେଲେ ୧୩ ମ୍ୟାଲେରିଆ ରୋଗୀ**

କାଳିଆପାଣି,୧୨।୭(ଅସିତ ମହାନ୍ତ): ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ଓଡ଼ିଶା ଖଣି ନିଗମ(ଏମ୍‌ସି) ପକ୍ଷରୁ ଚିଙ୍ଗୁଡ଼ିପାଳ ପଞ୍ଚାୟତର କୁମୁଠାରେ ବୁଧବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନିଗମର ଆଞ୍ଚଳିକ ପରିଚାଳକ ଇଂ. ଆଶିଷ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଦକ୍ଷିଣ କାଳିଆପାଣି ଖଣି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଓଏମ୍‌ସିର ଡାକ୍ତର ବିଶ୍ୱଜିତ ବେହେରା ଓ ଜ୍ୟୋତିସ୍ମାନ ଦାସ ଯୋଗଦେଇ ରୋଗୀ ପରୀକ୍ଷା କରିଥିଲେ।

ଖଣି ନିଗମ ପ୍ରଶାସନିକ ବରିଷ୍ଠ ପ୍ରବନ୍ଧକ ସୁମିତ ପାଢ଼ୀ ଓ ମାନସ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟା ଜେମା ଚାଖି, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ଦେହୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଶୋକଝର, ନଗଡ଼ା, ଦେଓଗାଁ ଓ କୁମୁ ଗ୍ରାମର ୧୬୭ଜଣ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୧୩ଜଣଙ୍କଠାରେ ମ୍ୟାଲେରିଆ ଭୂତାଣୁ ଥିବା ଜଣାପଡ଼ିଛି। ଖଣି ପରିଚାଳକ ଇଂ. ଗଣେଶ୍ୱର ଭୂୟାଁ, ସତ୍ୟଶିବ ଦାସ ଉପସ୍ଥିତ ଥିବାବେଳେ ନିଗମ ପକ୍ଷରୁ ସୂର୍ଯ୍ୟକାନ୍ତ ବେହେରା, ହିନ୍ଦୁରାମ ଚାଖି, ନବ ମୁଣ୍ଡା, ମଞ୍ଜୁ ସୋରେନ, ଶାନ୍ତିଲତା ରାଉତ, ସୁଦୀପ ନାୟକ, ମନୋଜ ମହାନ୍ତି, ତପନ ପରିଡ଼ା ଓ ପ୍ରଶାନ୍ତ ସାମଲ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶେଷଦେବ ବାସନ୍ତୀ ହାଇସ୍କୁଲ୍‌ର ପ୍ରତିଷ୍ଠା ଦିବସ

ଯାଜପୁର ସଦର,୧୨।୭ (ସମର ବିଜୟ ଶରଣ): ଯାଜପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶେଷଦେବ ବାସନ୍ତୀ ହାଇସ୍କୁଲର ୪୭ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସିଟିସିସି ଭୁବନେଶ୍ୱରର ପ୍ରଶାସନିକ ଓ ଆର୍ଥିକ ମୁଖ୍ୟ ସୁଶାନ୍ତ କୁମାର ରାଉତ, ପରିଚାଳକ ଅଭିମନ୍ୟୁ ନନ୍ଦ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ନିବେଦିତା ଗୁରୁ ଓ ଯାଜପୁର ଶିକ୍ଷା ବ୍ଲକ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଉଭୟ ରାଜ୍ୟ ସରକାର ଏବଂ ସିଟିସିସି ପକ୍ଷରୁ ଅନେକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ଏହାକୁ ବିନିଯୋଗ କରି ଛାତ୍ରୀଛାତ୍ର ଆଗାମୀ ଦିନରେ ସଫଳତା ପାଇପାରିବେ ବୋଲି ଅତିଥିମାନେ ମତ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟା ବାସନ୍ତୀଲତା ଦାସ, ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧାପିକା ଇତିଶ୍ରୀ ବିଶ୍ୱାଳ, ତପସ୍ୱିନୀ ନାୟକ, ବରିଷ୍ଠ ଅଧିକାରୀ ବିଜୟ କୁମାର ଧଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ କୁମାର ସାହୁ, ଭୁବନେଶ୍ୱରପୁର ସରପଞ୍ଚ ମନିଦୀପା ରାୟ, ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ସୁରେନ୍ଦ୍ର କୁମାର ରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆଙ୍କୁଲା-ପାଣିକୋଇଲି ରାସ୍ତାରେ ଚାରାରୋପଣ କରାଯିବା ସହିତ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ରକ୍ତ ବର୍ଗୀକରଣ କରାଯାଇଥିଲା। ପରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର, ଅତିଥି ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ଧୀରେଶ ଦାସ ଧନ୍ୟବାଦ ଦେଇଥିଲେ।



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

### ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ସୋର, ୧୨।୭(ଜନ୍ମେଜୟ ମିଶ୍ର): ନୀଳଗିରି ଥାନା ବରଡ଼ାଡିହ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ସୋର ପୋଲିସ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିମୁଳିପାଟଣା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଯୁବକ ହେଲେ ଶିମୁଳିପାଟଣା ଗ୍ରାମର ମାନସ କୁମାର ସାମଲ (୧୮)। ସେ ଗତ ଜୁନରେ ଅପହରଣ କରିନେଇଥିବା ଜୁଲାଇ ୧୦ ତାରିଖରେ ନାବାଳିକାଙ୍କ ବାପା ସୋର ଥାନାରେ ଅଭିଯୋଗ କରିଥିଲେ। ସୋର ପୋଲିସ ଏକ ମାମଲା (ନଂ. ୪୦୨/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତ ମଙ୍ଗଳବାର ରାତିରେ ସୋର ପୋଲିସ ନାବାଳିକାଙ୍କ ସହ ମାନସଙ୍କୁ ଶିମୁଳିପାଟଣା ଗ୍ରାମରୁ ଉଦ୍ଧାର କରି ଥାନାକୁ ଆଣିଥିଲା। ବୁଧବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ମାନସଙ୍କୁ ଗିରଫ କୋର୍ଟ ଚାଲାଣ କରିଥିବା ବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବର୍ଷା ନାହିଁ, ଚାଷ କାର୍ଯ୍ୟ ପ୍ରଭାବିତ



ଚାଷଜମି ପଡ଼ିଆ ପଡିଛି।

ଚଣ୍ଡିଖୋଲ,୧୨।୭ (ପ୍ରଦୀପ୍ତ କୁମାର ପୃଷ୍ଟି): ପୂର୍ବରୁ ଆଷାଢ଼ ମାସ ଆରମ୍ଭରେ ବର୍ଷା ହୋଇଥାଏ। ଚାଷୀମାନେ ଧାନ, ନଳିତା ଚାଷ କରିଥାନ୍ତି। ଏବେ ଆଷାଢ଼ ଯାଇ ଶ୍ରାବଣ ମାସ ଆରମ୍ଭ ହେଲାଣି, ତଥାପି ବର୍ଷାର ଦେଖାନାହିଁ। ବର୍ଷା ନ ଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। ଏପରି କି ଧାନ ତଳି ପକାଇଥିଲେ ମଧ୍ୟ ବର୍ଷା ଅଭାବ ଓ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ତାହା ଗଜାମରୁଡ଼ି ହୋଇଗଲାଣି। ଜଳସେଚିତ ଜମି ଗୁଡ଼ିକରେ କେନାଲ ପାଣି ଛଡ଼ା ଯାଇ ନ ଥିବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ହଜାର ହଜାର ଏକର ଚାଷ ଜମି ପଡ଼ିଆ ପଡ଼ିଯିବା ସମ୍ଭାବନା ଦେଖାଦେଇଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷାଯୋଗୁ ଧାନ ଫସଲର ତଳିପକା କାମ ଆରମ୍ଭ ହୋଇପାରିନାହିଁ। ଯେଉଁ କେତେକ ଅଞ୍ଚଳରେ ନଳିତା ଚାଷ କରାଯାଏ ବର୍ଷା ଅଭାବ ଯୋଗୁ ନଳିତା ଗଛ ସମ୍ପୂର୍ଣ୍ଣ ଜଳିଯାଇଛି। ଆଉ ସେ ଜମିରେ ନଳିତା ଚାଷ କରିବା ସମ୍ଭବପର ନୁହେଁ। ଚାଷୀଙ୍କ କହିବା ଅନୁଯାୟୀ, ନଳିତା ଚାଷ ମେ'ମାସରୁ ଆରମ୍ଭ ହୋଇଥାଏ। ଏବେ ଜୁଲାଇ ମାସ ଅଧାହେବାକୁ ବସିଲାଣି, ହେଲେ ବର୍ଷା ନ ଥିବାରୁ ଆଉ ଚାଷ ହୋଇପାରିବ ନାହିଁ। ଧାନ ଚାଷ ହେଉଥିବା ବହୁ ଜମି ପଡ଼ିଆ ପଡ଼ିବ। ଯେହେତୁ ଏ ପର୍ଯ୍ୟନ୍ତ ଜମିକୁ ହଳ କରାଯାଇ ପାରିନାହିଁ ତେଣୁ ଜଳସେଚିତ ଜମିକୁ ଛାଡ଼ିବା ପରେ ଅଣଜଳସେଚିତ ଜମିରେ ଧାନଚାଷ ହୋଇପାରିବ ନାହିଁ। ଚଳିତ ବର୍ଷ ବର୍ଷାର ଯେଉଁ ଅଭାବ ଦେଖାଦେଇଛି ସେଥିପାଇଁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ନେଇ ଚାଷୀ ଶଙ୍କର୍ଷଣ ସାହୁ, ମାନସ ଦଳେଇ, ପ୍ରଭାକର ଜେନା ଓ ଅଶୋକ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ, ୨୦୨୩



## ସଂକ୍ଷେପରେ

### ରାଜନଗରରେ ନୂତନ ବିଡିଓ



**ରାଜନଗର,୧୨।୭ (ଭାସ୍କର ରାଉତରାୟ):** ରାଜନଗର ବ୍ଲକର ନୂତନ ବିଡ଼ିଓ ଭାବେ ନିଶାନ ମିଶ୍ର ବୁଧବାର ଯୋଗ ଦେଇଛନ୍ତି। ନୂତନ ବିଡିଓ ମିଶ୍ର ଅନୁଗୋଳ ଜିଲାର କଣିହାଁ ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ରାଜନଗର ବ୍ଲକରେ ବିଡିଓ ଭାବେ ଯୋଗଦେବା ପରେ ତାଙ୍କୁ ସ୍ୱାଗତ କରାଯିବା ସହ ଏଠାରେ ବିଡିଓ ଥିବା ସମୀର କୁମାର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ଅଧକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ତହସିଲଦାର ଭାବେ ବଦଳି ହୋଇଥିବା ରାଜନଗର ବିଡିଓ ସମୀର କୁମାର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ବିଡିଓ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁଙ୍କ ସମେତ ସମସ୍ତ କନିଷ୍ଠଯନ୍ତ୍ରୀ, ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜିଆରଏସ୍ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ସମସ୍ତ କର୍ମଚାରୀଙ୍କୁ ନେଇ ନୂତନ ବିଡିଓ ବୈଠକ କରିଥିଲେ।

# ଅଶ୍ୱଖୋଲାର ପୁନରୁଦ୍ଧାର ପାଇଁ ଜନ ଜାଗରଣ ସଭା

ପାଟକୁରା,୧୨।୭ ( ରବିନ୍ଦ୍ରନାଥ ବାରିକ)

ଚିତ୍ରୋତ୍ପଳା ଓ ପାଇକା ନଦୀର ମଧ୍ୟ ଭାଗରେ ଅଶ୍ୱଖୋଲା ନାମକ ଏକ ପ୍ରାକୃତିକ ଜଳଧାର କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୯ ପଞ୍ଚାୟତର ୬୩ କିମି ଅଞ୍ଚଳରେ ପ୍ରବାହିତ ହେଉଛି । ଏହା କେବଳ ଏକ ପ୍ରାକୃତିକ ଜଳଧାର ନୁହେଁ ବରଂ ଏହା ଉକ୍ତ ଅଞ୍ଚଳର ଜୀବନ ରେଖା। ଅଳଙ୍କାର ସଦୃଶ ଶୋଭାପାଉଥିବା ଏହି ଆଦ୍ରଭୂମୀ ପ୍ରାକୃତିକ ଜଳଧାର ବର୍ତ୍ତମାନ ଏବେ ଅବହେଳିତ ଓ ଶୁଷ୍କ ପ୍ରାୟ ଅବସ୍ଥାକୁ ଚାଲି ଆସୁଛି। ଏହାର ଅବବାହିକାରେ ବାସ କରୁଥିବା ଲକ୍ଷାଧିକ ଜନ ଜୀବନ ରକ୍ଷା ନିମନ୍ତେ ଏହାର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ, ଥଇଥାନ ଏବଂ ଶୋଭା ବର୍ଦ୍ଧନ ନିମନ୍ତେ ସରକାରଙ୍କ ଧ୍ୟାନ ଆକର୍ଷଣ ଅତ୍ୟନ୍ତ ଜରୁରୀ । ଅତୀତରେ ଏହାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହି ପ୍ରାକୃତିକ ଆଦ୍ରଭୂମି, ମାଛ, କୃଷି, ପାନୀୟ ଜଳ ସମେତ ସମସ୍ତ ମାନବୀୟ ଆବଶ୍ୟକତାକୁ ପୂରଣ କରିବା ସହିତ ଯୋଗାଯୋଗର ମାଧ୍ୟମ ତଥା ଜୀବିକା ଧାରଣରେ ସହାୟକ ହେଉଥିଲା। ଉପରୋକ୍ତ ୨୯ ପଞ୍ଚାୟତର ପ୍ରତିନିଧି ଭାବେ ଅଶ୍ୱଖୋଲା ବିକାଶ ପରିଷଦ ବର୍ତ୍ତମାନ ଏହି ପ୍ରାକୃତିକ ତଥା ଅବ୍ୟବହୃତ ଜଳାଧାରର ପୁନରୁଦ୍ଧାର, ମରାମତି, ନବୀକରଣ ଯୋଜନା ଅଧୀନରେ ତୁରନ୍ତ କାର୍ଯ୍ୟାରମ୍ଭ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ କାର୍ଯ୍ୟ କରୁଛି । ଏହି କ୍ରମରେ ଅଶ୍ୱଖୋଲା ବିକାଶ ପରିଷଦ ଏହି କାର୍ଯ୍ୟରେ ପରମ ପୂଜ୍ୟ ପଦ୍ମଶ୍ରୀ ବାବା ବଳିଆଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରିଥିଲେ ।



ସଭାରେ ଅଶ୍ୱଖୋଲା ବିକାଶ ପରିଷଦ ସଦସ୍ୟମାନେ।

ବୁଧବାର ଜଗତସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଅରିଲୋଠାରେ ଶିଶୁ ଅନନ୍ତ ଆଶ୍ରମରେ ଜନ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଶ୍ୱଖୋଲା ବିକାଶ ପରିଷଦର ସଭାପତି ଡ଼ ଅମରେନ୍ଦ୍ରନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନ ଜାଗରଣ ସଭାରେ ଅନ୍ତେଇ ସରପଞ୍ଚ ସଞ୍ଜୟ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ବାବା ବଳିଆଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡେଣ୍ଡାକୁଡ଼ାର ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବାବା ବଳିଆ କହିଲେ ଜଳ ହେଉଛି ଏକ ସମ୍ପଦ । ଏହା ପ୍ରକୃତିର ଏକ ଦାନ । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଜମି ଯାଇଛି, କେନାଲ ଖୋଳାଯାଇଛି, ହେଲେ ପାଣି ଟୋପାଏ ନାହିଁ। ଚାଷୀ ବର୍ଷା ଜଳ ଉପରେ ନିର୍ଭର କରୁଛି । ହେଲେ ଅଶ୍ୱଖୋଲା ଜୋରରେ ବର୍ଷ ସାରା ପାଣି ଅଛି। ଏହାର ପୁନରୁଦ୍ଧାର ନିହାତି ଆବଶ୍ୟକ। ଏଥିପାଇଁ ଯେଉଁ ବୁଦ୍ଧିଜୀବିମାନେ ଏଠି ଆଜି ଏକତ୍ରିତ ହୋଇଛନ୍ତି, ସମସ୍ତେ ସଂକଳ୍ପ ନେଇ ଅଶ୍ୱଖୋଲା ବିକାଶ ପରିଷଦକୁ ସହଯୋଗର ହାତ ବଢ଼ାନ୍ତୁ, ବାବା ବଳିଆ ସମସ୍ତ ପ୍ରକାର ସହଯୋଗ କରିବେ। ଏପରି କି ଦରକାର ପଡ଼ିଲେ ସମସ୍ତ ସରକାରୀ ଅଧିକାରୀ ,ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ପତ୍ର ଲେଖି ସରକାରଙ୍କ ଦୃଷ୍ଟିକୁ ନେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

ଅଶ୍ୱଖୋଲା ବିକାଶ ପରିଷଦର ସଭାପତି ଡ଼ ମହାନ୍ତି ଅଶ୍ୱଖୋଲାର ପୁନରୁଦ୍ଧାର ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ଉପସଭାପତି ଡ଼ାକ୍ତର ଅବଦୁଲ ହଲିମ ଖାଁ, କୋଷାଧ୍ୟକ୍ଷ ପ୍ରଫେସର ଡ଼ ସରୋଜ କୁମାର ମହାନ୍ତି, ତିର୍ତ୍ତୋଲ ବ୍ଲକ୍ ଅଧ୍ୟକ୍ଷ ମନୋଜ ବେହେରା, ସାମାଜିକ କର୍ମୀ ଗଙ୍ଗାଧର ପରିଡ଼ା, ଇଂ. ଗଗନ ବିହାରୀ ପୃଷ୍ଟି, ଅମିୟ କୁମାର ପତି, ଅଶୋକ କୁମାର ରାଉତ, ପ୍ରଫୁଲ୍ଲ କୁମାର ସାହୁ, ଦିଲୀପ କୁମାର ବେହେରା, ବୃହସ୍ପତି ବେହେରା, ଅଭୟ କୁମାର ଚୌଧୁରୀ, ମନ ମୋହନ କାନୁନଗୋ, ଡ଼ ରବିନ୍ଦ୍ରନାଥ ବେହେରା, ଗଙ୍ଗାଧର ସାମଲ, ତିର୍ତ୍ତୋଳ ପଞ୍ଚାୟତ ସମିତି ସଭ୍ୟା ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହିତ ଅଶ୍ୱଖୋଲାର ପୁନରୁଦ୍ଧାର ନ ହେଲେ ଆଗକୁ ପାନୀୟ ଜଳ ସଙ୍କଟ ଅବଶ୍ୟମ୍ଭାବୀ ବୋଲି ମତ ଦେଇଥିଲେ । ଅବସରପ୍ରାପ୍ତ ଚିଫ୍ ଇଂଜିନିୟର ସନ୍ତୋଷ କୁମାର ସ୍ୱାଇଁ ଅଶ୍ୱଖୋଲାର ପୁନରୁଦ୍ଧାର ପାଇଁ ବହୁ ବୈଷୟିକ ପରାମର୍ଶ ଦେଇଥିଲେ।

# ୪୮ ଘଣ୍ଟା ପରେ ବି ପୋଲିସ ହାତ ଖାଲି

କେନ୍ଦ୍ରାପଡ଼ା,୧୨।୭(ଜଗନ୍ନାଥ ଧଳ)



**ଚଳନ୍ତା ଗାଡ଼ିରେ ଯୁବକଙ୍କୁ ଗଳାକାଟି ହତ୍ୟା ଘଟଣା**

- ପୋଲିସର ଉଚ୍ଚସ୍ତରୀୟ ତଦନ୍ତ ଜାରି
- ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା

ଗତ ୧୦ ତାରିଖ ସ୍ପଷ୍ଟ ଦିବାଲୋକରେ ଜାତୀୟ ରାଜପଥ ଉପରେ କାଳିକାପୁର ଗାଁର ସୁଧାଂଶୁ ବିଶ୍ୱାଳଙ୍କୁ ଚଳନ୍ତା ଗାଡ଼ି ଉପରେ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣା ସାଧାରଣରେ ଆତଙ୍କ ସୃଷ୍ଟି କରିଥିଲା । କେନ୍ଦ୍ରାପଡ଼ା ଏସ୍‌ପି ମଦକର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ହରେଶ କୁମାର ପାଣ୍ଡେ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଓ ଆଳି ଥାନା ଅଧିକାରୀ ଦିଲୀପ ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ସୁଧାଂଶୁଙ୍କ ହତ୍ୟା ପ୍ରେମ ସମ୍ପର୍କ କିମ୍ବା ଟଙ୍କା ନେଣଦେଣକୁ ନେଇ ହୋଇଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି । ହତ୍ୟା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏଥିପାଇଁ ପୋଲିସ ପ୍ରତକ୍ଷ୍ୟଦର୍ଶୀଙ୍କ ବୟାନ ରେକର୍ଡ କରିଛି । ଏ ସଂକ୍ରାନ୍ତରେ ଘଟଣା ଦିନ ବିଳମ୍ବିତ ରାତ୍ରୀରେ ସୁଧାଂଶୁଙ୍କ ବାପା ଓ ମା'ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ପୋଲିସ ଜଣକୁ ଉଠାଇ ଆଣି ଥାନାରେ ପଚରାଉଚୁରା କରିଛି । ପୂର୍ବ ଶତ୍ରୁତାକୁ ନେଇ ଏପରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି । ତେବେ ଏହି ଘଟଣାକୁ ୪୮ ଘଣ୍ଟା ବିତିଥିଲେ ମଧ ପୋଲିସ ହାତ ଖାଲି ରହିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି । ଫିଲ୍ମ ଷ୍ଟାଇଲରେ ଚଳନ୍ତା ଗାଡ଼ିରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯିବା ଘଟଣା ଜିଲା ତଥା ରାଜ୍ୟରେ ପ୍ରଥମ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ତଥାପି ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ପ୍ରତ୍ୟୁସର୍ସ ଗ୍ରୁପ୍‌ର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱରର ଏକ ହୋଟେଲରେ ପ୍ରତ୍ୟୁସର୍ସ ଗ୍ରୁପ୍‌ର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଡେରାବିଶ,୧୨।୭(ବେବର୍ତ୍ତା ଅଜୟ ଦାସ)

ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ କର୍ମନିଯୁକ୍ତି ଦେଇ ମହିଳା ସଶକ୍ତିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର୍ସ ଗ୍ରୁପ୍‌କୁ ବୁଧବାର ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲରେ ସମ୍ବର୍ଦ୍ଧିତ କରାଯାଇଛି। ନାବାର୍ଡ଼ର ୪୨ ତମ ପ୍ରତିଷ୍ଠା ଦିବସ ଅବସରରେ ଡା. ସୁଧାଂଶୁ କେ. କେ. ମିଶ୍ରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମିଶନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା କାର୍ତ୍ତିକେୟନ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତ୍ୟୁସର୍ସ ଗ୍ରୁପ୍‌ର ସଭାନେତ୍ରୀ ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍‌ଙ୍କୁ ପ୍ରମାଣପତ୍ର, ଟ୍ରଫି ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିପାଇଁ ପ୍ରତ୍ୟୁସର୍ସ ଗ୍ରୁପ୍‌ର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ବୁଧବାର ସନ୍ଧ୍ୟାରେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟୁସର୍ସ ଗ୍ରୁପର ପ୍ରସ୍ତୁତ ଏମ୍ବ୍ରୋଡୋରୀ କେବଳ କେନ୍ଦ୍ରାପଡ଼ା ଜିଲା କିମ୍ବା ରାଜ୍ୟ ନୁହେଁ ବାହାର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛି। ଗତ ଏପ୍ରିଲ ୨୬ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଡେରାବିଶ ଆସିଥିବା ସମୟରେ ପ୍ରତ୍ୟୁସର୍ସ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ କାର୍ଯ୍ୟକୁ ଦେଖିବା ସହ ଭୂୟସୀ ପ୍ରଶଂସା କରିଥିଲେ।

# ସାପ କାମୁଡ଼ାରେ ଛାତ୍ରୀ ମୃତ

ବାଲିଚନ୍ଦ୍ରପୁର, ୧୨।୭ (ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗୋବଣ୍ଡିଆ ଗ୍ରାମର ଜଣେ ଛାତ୍ରୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ



ହେଲେ ଗ୍ରାମର ଅରୁଣ ଧଳଙ୍କ ଝିଅ ଅର୍ଚ୍ଚିତା ଧଳ(୯)। ମଙ୍ଗଳବାର ରାତିରେ ସେ ପଡ଼ୋଶୀଙ୍କ ଘରେ ଭୋଜି ଖାଇସାରି ଆସି ଘରେ ଶୋଇଥିଲେ। ପରେ ପେଟ ଯନ୍ତ୍ରଣା ହେବାରୁ ସେ ଉଠିପଡ଼ି ବାନ୍ତି କରିଥିଲେ। ପରିବାର ଲୋକେ ଭୋଜି ଖାଇବା ଦ୍ୱାରା ବାନ୍ତି ହୋଇଥିବା ଭାବିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଅର୍ଚ୍ଚିତାଙ୍କ ନାକ ଓ ପାଟିରୁ ଫେଣ ବାହାରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ। ମୃତଦେହ ବୁଧବାର ଗୋବଣ୍ଡିଆରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅର୍ଚ୍ଚିତା ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ଗୋବଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିଲେ।

# ମହାନଦୀର ସୃଷ୍ଟି ହେଉଛି ବୃହତ୍ ବାଲି ପଠା

**ପୂର୍ବ ଅପେକ୍ଷା ହ୍ରାସ ପାଉଛି ଜଳସ୍ତର**

ମହାକାଳପଡ଼ା,୧୨।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଦେଇ ବହି ଯାଉଥିବା ମହାନଦୀର ଗତିପଥରେ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳୁଛି । ଏହି କାରଣରୁ ନଦୀ ମଝିରେ ବୃହତ୍ ବାଲି ପଠା ସୃଷ୍ଟି ହୋଇଛି। ଫଳରେ ସାମୁଦ୍ରିକ ଜୁଆର ପ୍ରଭାବରେ ନାବିକମାନେ ଜାଣି ନ ପାରି ଫେରି ଘାଟ, ମାଛଧରା ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହେଉଥିବା ନଜିର ରହିଛି। ଅପରପକ୍ଷେ ଗତକିଛି ମାସ ହେବ ମହାନଦୀ ଶିଳ୍ପାଞ୍ଚଳ ପାର୍ଶ୍ୱରେ ବଡ଼ ବଡ଼ ମେଶିନରେ ଡ୍ରେଜିଂ ହେବା ଦ୍ୱାରା ବାଲି ସବୁ ଜଳ ସ୍ରୋତରେ ଭାସି ଆସି ଅପର ପାର୍ଶ୍ୱର ନଦୀ ମଝିରେ ବିପୁଳ ପରିମାଣରେ



ମହାକାଳପଡ଼ା ବ୍ଲକ ଅଧୀନ ବହାକଦଠାରେ ମହାନଦୀ ମଝିରେ ସୃଷ୍ଟି ହୋଇଥିବା ବାଲିପଠା ।

ଜମି ରହୁଛି । ଏହା ପଠା ସୃଷ୍ଟିର କାରଣ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଯଦି ଏହି ଭଳି କିଛି ବର୍ଷ ଚାଲେ ତେବେ ମହାନଦୀ ତାର ପୂର୍ବ ସୌନ୍ଦର୍ଯ୍ୟ ହରାଇ ବସିବ ବୋଲି ମତ ପ୍ରକାଶ ପାଇଛି । ଏପରି କି ବତୀଘର ସଂଲଗ୍ନ ହେଟା ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ମୁହାଣ ବଙ୍ଗୋପ ସାଗର ଗର୍ଭରେ ଲୀନ ହୋଇଛି।

# ଶତାୟୁ ଚାଷୀଙ୍କ ପରଲୋକ

ବ୍ରହ୍ମବରଦା,୧୨।୭(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତ ସାହାପଡ଼ା ଗ୍ରାମର ଶତାୟୁ ଚାଷୀ ଧନେଶ୍ୱର ସ୍ୱାଇଁଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଭାଜପା ନେତା ପ୍ରଫୁଲ୍ଲ ଗିରି, ଅନିଲ ରାଉତ, ସାମାଜିକକର୍ମୀ ମଣ୍ଟୁ ଦାସ, ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରାଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକଶନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରତିମୂର୍ତ୍ତି ସ୍ଥାପନ ବିରୋଧରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୧୨।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଭିଭାବକମାନେ ବିପ୍ଳବୀ କବି ଆନନ୍ଦ ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ବୁଧବାର ବିରୋଧ କରିଛନ୍ତି। ଏହି ପ୍ରତିମୂର୍ତ୍ତି କଲେଜ ପରିସରରେ ସ୍ଥାପନ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଛାତ୍ରୀଛାତ୍ର ଖୋଲାଖୋଲି ମତ ରଖିଛନ୍ତି। ଏଥିସହ ସେମାନେ ଏହି ବିରୋଧ ସମ୍ପର୍କରେ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଅଧକ୍ଷଙ୍କୁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ୫୦ରୁ ଅଧିକ ଛାତ୍ରୀଛାତ୍ର କହିଛନ୍ତି, କଲେଜ ପରିସରରେ ଗାନ୍ଧିଜୀ ଓ ବୁଦ୍ଧଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଏଠାରେ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତୁତି ଚାଲିଛି। ସ୍ୱର୍ଗତ ଜେନାଙ୍କ ଏହି କଲେଜ ପ୍ରତି କୌଣସି ଅବଦାନ ନ ଥିଲେ ମଧ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଗାନ୍ଧିଜୀ ଓ ବୁଦ୍ଧଙ୍କ ଗୌରବହାନୀ ହେବ। ଅପରପକ୍ଷରେ ଭବିଷ୍ୟତରେ ପ୍ରତିମୂର୍ତ୍ତି ସ୍ଥାପନ ପରି କଲେଜ ଏକ ଥଇଥାନ କେନ୍ଦ୍ରସ୍ଥଳୀ ହେବ। ଫଳରେ କଲେଜର ପରିବେଶ, ଭାବମୂର୍ତ୍ତି ଓ ବାତାବରଣ ନଷ୍ଟ ହେବ। କଲେଜରେ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ପୂର୍ବରୁ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ଥାପନ ପାଇଁ ଘୋଷଣା ହୋଇଥିଲା। ସେଠାରେ ବିରୋଧ ଯୋଗୁ ଏଠାରେ ଆଣି ସ୍ଥାପନ କରିବା ପୂଜ୍ୟପୂଜାର ଅଂଶ ବିଶେଷ ନୁହେଁ। ଏପରି ସ୍ଥିତି ଆସିଲେ ଛାତ୍ରୀଛାତ୍ର, ଅଭିଭାବକମାନେ ଏହାର ଦୃଢ଼ ବିରୋଧ କରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଯୁକ୍ତ ୨ର ଅଧକ୍ଷ ଦିଲୀପ କୁମାର ମହାନ୍ତି ଓ ଯୁକ୍ତ ୩ ଅଧକ୍ଷ ଦୀପକ କୁମାର କମିଲାଙ୍କୁ ପଚାରିବାରେ କଲେଜର ଛାତ୍ରୀଛାତ୍ର ଏ ନେଇ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଆସିଥିବା ଦାବିପତ୍ର ଗଭର୍ଣ୍ଣିଂ ବଡ଼ି ସଭାପତି ଏଡିଏମ୍ ପୀତାବର ସାମଲଙ୍କୁ ପ୍ରଦାନ କରାଯାଇଛି। ଅଦ୍ୟାବଧି କୌଣସି ନିର୍ଦ୍ଦେଶ ଆସି ନ ଥିବା ସେମାନେ କହିଛନ୍ତି।

# ଅବସରପ୍ରାପ୍ତ ଯବାନଙ୍କ ଅକାଳ ବିୟୋଗ



**ରାଜନଗର, ୧୨।୭ (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଗୋବର୍ଦ୍ଧନପୁର ଗ୍ରାମର ଅବସରପ୍ରାପ୍ତ ଯବାନ କପିଳ ପ୍ରସାଦ ବିଶ୍ୱାଳ (୫୪)ଙ୍କ ୭ ତାରିଖରେ ପରଲୋକ ହୋଇଯାଇଛି। ସେ ଭାରତୀୟ ସେନାରେ ଦୀର୍ଘ ୨୬ ବର୍ଷ କାର୍ଯ୍ୟକରି ସେବା ନିବୃତ ହୋଇଥିଲେ। ପରେ ଭୁବନେଶ୍ୱର ଏମ୍ସରେ ସିକ୍ୟୁରିଟି ସେବାରେ ଯୋଗ ଦେଇଥିଲେ। ହଠାତ୍ ତାଙ୍କର ବ୍ରେନ ଏବଂ ହାର୍ଟ ଷ୍ଟ୍ରୋକ ହେବାରୁ ଏମ୍ସରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ଝିଅ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମୋ କଲେଜ ଅଭିଯାନ, ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ରାଜନଗର, ୧୨।୭ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ଓ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ମହାବିଦ୍ୟାଳୟର ପରିସରରେ ଆୟୋଜିତ ଉତ୍ସବରେ ଅଧକ୍ଷ ଡ. ବିକ୍ରମାଦିତ୍ୟ ଦାସ ପୌରୋହିତ୍ୟ କରିବା ସହିତ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମୋ କଲେଜ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନ ମୁଖ୍ୟଅତିଥି ଯୋଗଦେଇ ଦୀର୍ଘ ୫୨ବର୍ଷ ତଳର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ବର୍ଣ୍ଣନା କରିବା ସମୟରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଆଜିର ବ୍ୟସ୍ତବହୁଳ ଦୁନିଆରେ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଦୂରତ୍ୱ ବଢ଼ି ଯାଉଥିବା ବେଳେ ଅତୀତରେ ଗୁରୁ ଶିଷ୍ୟଙ୍କ ରହିଥିବା ପବିତ୍ର ସମ୍ପର୍କ ଉପରେ ଆଲୋଚନା କରିଥିଲେ। କବି ଅଭିରାମ ସାହୁ ମୁଖ୍ୟବକ୍ତା, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସଚ୍ଚିନ୍ଦ୍ର



ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ପରିଡା, ଖବରଦାତା ଭାସ୍କର ରାଉତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ, ମାନସିକ ଏବଂ ଗୁଣାତ୍ମକ ଶିକ୍ଷା ବିକାଶ କ୍ଷେତ୍ରରେ ସହାୟକ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧ୍ୟାପକ ନିହାର ରଞ୍ଜନ ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ଘନଶ୍ୟାମ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ କମିଟି ଗଠନ କରାଯାଇଥିଲା। ଏଥିରେ ଅଧକ୍ଷ ଡ. ଦାସଙ୍କ ସମେତ ଚିତ୍ରଶିଳ୍ପୀ ପ୍ରଧାନ, କବି ଅଭିରାମ, ଶଙ୍କର୍ଷଣ ମିଶ୍ର, ଅଶ୍ୱିନୀ କୁମାର ଦାସ, ଜଗବନ୍ଧୁ ବେହେରା, ଅନିମା ରାଉତ, ବିଭୂତି ଭୂଷଣ ନାୟକ ପ୍ରମୁଖ ୧୧ଜଣ ସଦସ୍ୟ ରହିଥିବାବେଳେ ଏହାର ସଂଯୋଜିକା ଭାବେ ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମୌସୁମୀ ମିଶ୍ରଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ତଦନ୍ତ ଦାବି ଜୋର ଧରିଲା

**ସରକାରୀ ଅର୍ଥରେ ବ୍ୟକ୍ତିଗତ ଜମିରେ ପୋଖରୀ ଖୋଳା ଘଟଣା**

ଆଳି,୧୨।୭(ବନମାଳୀ ସେନାପତି)

ଦୁର୍ନୀତିର ଗନ୍ତାଘର ପାଲଟିଛି ଆଳି ବ୍ଲକ କାର୍ଯ୍ୟାଳୟ । ବ୍ଲକକୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାକୁ ପ୍ରଶାସନିକ ଅଧିକାରୀମାନେ ପଞ୍ଚାୟତର କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସହ ମିଶି ହରିଲୁଟ କରୁଥିବା ଅଭିଯୋଗ ହୋଇଛି । ଏହାର ଏକ ଉଦାହରଣ ସାମ୍ନାକୁ ଆସିଛି । ଚଣ୍ଡିଆଗଡ଼ି ପଞ୍ଚାୟତରେ ସରକାରୀ ଅର୍ଥରେ ଏକ ବ୍ୟକ୍ତିଗତ ଜମିରେ ମେଶିନ ସାହାଯ୍ୟରେ ପୋଖରୀ ଖୋଳି ଏ ବାବଦରେ ୬ ଲକ୍ଷ ୬୩ ହଜାର ଟଙ୍କା ହଡ଼ପ କରାଯାଇଛି । ଏ ନେଇ ଅଞ୍ଚଳବାସୀ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କେହି ତଦନ୍ତ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଫଳରେ ଅଭିଯୋଗ କାରୀମାନେ ଭିଜିଲାନ୍ସ ଓ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବା ପରେ ଏବେ ଏହି ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ପକ୍ଷରୁ ହେବ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଜଳଯୋଗାଣ ବିଭାଗ



ସାରା ରାଜ୍ୟରେ ୧୯୪ଟି ପୋଖରୀର ବିକାଶ ଓ ସରଂକ୍ଷଣ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୨ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏହି ପ୍ରକଳ୍ପ ମଧ୍ୟରେ ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତର ବଗୁଲିଆ ପୋଖରୀର ସଂରକ୍ଷଣ ଓ ବିକାଶ ନିମନ୍ତେ ୬ ଲକ୍ଷ ୬୩ ହଜାର ୩୭୫ ଟଙ୍କା ଅର୍ଥ ବ୍ୟୟବରାଦ କରାଯାଇଥିଲା । ଏହି କାର୍ଯ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ କରାଯିବାକୁ ମଧ ଚିଠିରେ ଉଲ୍ଲେଖ ରହିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଅର୍ଥକୁ ବ୍ଲକ ପ୍ରଶାସନର ଦାୟିତ୍ୱରେ ଥିବା ଅଧିକାରୀମାନେ ଏକ ବ୍ୟକ୍ତିଗତ ଜମିରେ ବିନିଯୋଗ କରି ମେଶିନ ଲଗାଇ ପୋଖରୀ ଖୋଳା କାର୍ଯ୍ୟ କରିଥିଲେ। ଗତ ମେ ୨୯ ତାରିଖ ଦିନ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ଶୁଭଦର୍ଶନୀ ସାହୁ ଓ ତଦନ୍ତ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳଙ୍କ ଦସ୍ତଖତ ପରେ ପ୍ରକଳ୍ପ ବାବଦରେ ଅର୍ଥ ଉଠାଯାଇଛି । ସରକାରୀ ଅର୍ଥ ବିନିଯୋଗରେ ବ୍ୟକ୍ତିଗତ ଜମିରେ କିଭଳି ପୋଖରୀ ଖୋଳାଗଲା ତାହାକୁ ନେଇ ଅଞ୍ଚଳବାସୀ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ପ୍ରଶାସନ ତଦନ୍ତ ନିମନ୍ତେ ଆଗ୍ରହ ଦେଖେଇନି। ବିଡ଼ିଓ ଦ୍ୱିବେନ୍ଦୁ ଦାସ ତଦନ୍ତ ହେବ କହୁଥିବା ବେଳେ ଜିଲା ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା ତଦନ୍ତ କରିବେ କହି ଦାୟିତ୍ୱ ସାରି ଦେଇଛନ୍ତି । ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଶୁଭଦର୍ଶନୀ ସାହୁ ଓ ସହକାରୀ ଯନ୍ତ୍ରୀ ଦେବସ୍ମିତା ଧଳ ଏ ବାବଦରେ ମୁହଁ ଖୋଲିବାକୁ ନାରାଜ । ଯାହାଫଳରେ ପଞ୍ଚାୟତବାସୀ ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହିତ ଯେଉଁ ଅଧିକାରୀମାନେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ସହିତ ଫାଇନାଲ ବିଲ କରିଛନ୍ତି ତାଙ୍କୁ ଭିଜିଲାନ୍ସ ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବିପୁଳ ପୋଚ ସହ ରନ୍ଧା ମଦ ନଷ୍ଟ

ଗୋଶାଣୀ(ପ୍ରଶାନ୍ତ କୁମାର ରାଉତ) ୧୨।୭: ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ବର୍ଲଣ୍ଡା ଗ୍ରାମାଞ୍ଚଳରେ ମିଳିତ ଅବକରୀ ଚଢଉ କରାଯାଇ ବିପୁଳ ପରିମାଣର ପୋଚ ସହ ଦେଶୀ ରନ୍ଧା ମଦକୁ ଜବତ କରାଯାଇ ନଷ୍ଟ କରାଯାଇଥିବା ଜଣାପଡିଛି । ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ମିଳିତ ଚଢଉ ହୋଇଥିବା ଜଣାପଡିଛି । ଏହି ମିଳିତ ଚଢ଼ାଉରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସଆଇ ବଳରାମ ବେହେରା ପ୍ରମୁଖ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଭାଗନେଇଥିଲେ। ଚଢଉ ବେଳେ ୩୨୮୦ ପୋଚ ଜବତ କରାଯାଇଥିବା ବେଳେ ୧୨୦ ଲିଟର ରନ୍ଧାମଦକୁ ମଧ ଜବତ କରାଯାଇ ନଷ୍ଟ କରାଯାଇଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ ।

### ରାମରାଜୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧୨।୭ (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଖରଷଣ୍ଡା ଗ୍ରାମରେ ରାମ ରାଜୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରଷଣ୍ଡା ଗ୍ରାମର ରାଜୀବ ଗାନ୍ଧୀ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲାରାଜ ଶେଖରଙ୍କ ଅଧକ୍ଷତାରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ପୁରୁଣାପାଟଣା ଗ୍ରାମର ରାମରାଜୁ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ପାରାସେଲି ରାମାରାଜୁଙ୍କ ଦ୍ୱାରା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୨-୨୩ ଶିକ୍ଷା ବର୍ଷରେ ଉକ୍ତ ସ୍କୁଲର ଦଶମ ଶ୍ରେଣୀର ବିଦ୍ୟାର୍ଥୀ ରିଶି ବିକ୍ରମ ୬୦୦ ମାର୍କରୁ ୪୭୩ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ଯୋଗୁଁ ତାଙ୍କୁ ମାନପତ୍ର ଏବଂ ଆର୍ଥିକ ଅନୁଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିସହ ରିସି ରାଜା ରାଓ, ଜ୍ୟୋତି ଦେବୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲା ରାଜଶେଖରଙ୍କୁ ମଧ ସମ୍ମାନିତ କରାଯାଇଥିଲା।

### ଗୋଷ୍ଠୀ ଶୌଚାଳୟ ଗୁଡିକରେ ଉଇହୁଙ୍କା

ଖଜୁରିପଡ଼ା,୧୨।୭(ବିଦୁର ବେହେରା)- ଖଜୁରିପଡ଼ା କକବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ୩ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କାରଣ ମଳମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତେଣୁ କୌଣସି ଜନସାଧାରଣ କିମ୍ବା ଯାତ୍ରୀ ହେଉ ଅବା ପର୍ଯ୍ୟଟକମାନେ ଯେମିତି ଶୌଚ ହେବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ଦୃଷ୍ଟି ରଖି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ମାଧମରେ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଛନ୍ତି। କିନ୍ତୁ ସେଗୁଡିକ ବ୍ୟବହାର ପରିବର୍ତ୍ତେ ମାସ ମାସ ଧରି ତାଲା ପଡ଼ିରହିଛି। ଯାହା ଦ୍ୱାରା ଲୋକମାନେ ବାହାରେ ପରିସ୍ରା ଏବଂ ମଳତ୍ୟାଗ କରୁଛନ୍ତି। ବାହାରେ ଅସନା ହେଉଥିବା ଯୋଗୁ ପରିବେଶ ପରିଚ୍ଛନ୍ନ ସଫା ସୁତୁରା ରହୁନାହିଁ। ଗୋଷ୍ଠୀ ଶୌଚାଳୟଗୁଡିକରେ ଉଇହୁଙ୍କା ଲାଗିଲାଣି। ଅନ୍ୟପକ୍ଷରେ ସରକାର ସ୍ୱଚ୍ଛ ଭାରତ ମିଶନ ମାଧମରେ ଗାଁ ଠୁ ସହର ସଫାସୁତୁରା ରଖିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଅଧିକାରୀମାନେ ସେହି ସ୍ୱପ୍ନକୁ ଭାଙ୍ଗି ଚୂର୍ମାର କରି ଦେଉଥିବା ପରିଲକ୍ଷିତ ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ୨୨୪ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆପଡ଼ା,୧୨।୭(ସୁଶାନ୍ତ ପଟ୍ଟନାୟକ)- ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଠାରେ ବୁଧବାର ଜୀବନ ବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାସ ମହାରଣା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ରାଣୀ ଭି ସୁଜ୍ଞାନ କୁମାରୀ ଦେଓଙ୍କ ୮୬ ତମ ଜନ୍ମ ଦିବସ ଉପଲକ୍ଷେ ସୁମଣ୍ଡଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସୁମଣ୍ଡଳ, ସାଙ୍କୁଡ଼ା, ଷଣ୍ଢ ମୂଳ, ଅଙ୍ଗାରଗାଁ, କୁମ୍ଭାର ଗାଁ, ତାଳସର, ବଡ ଖଇର ଖମା ଓ ବୁରୁଝରୀ ପଞ୍ଚାୟତକୁ ନେଇ ଏହି ଶିବିର ହୋଇଛି । ଏଥିରେ ବ୍ଲକ ଅଧକ୍ଷା ରେଣୁ ଗୌଡ଼, ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ସମିତି ସଭ୍ୟ ସନ୍ତୋଷ କୁମାର ସାହୁଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ, ଯୁବ ଗୋଷ୍ଠୀ ଓ ରକ୍ତଦାତାମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ମୋଟ ୨୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଚଢ଼ା ଦରରେ ସାର ବିକିଲେ କାର୍ଯ୍ୟାନୁଷ୍ଠାନ

ଭଞ୍ଜନଗର,୧୨।୭(ବାବୁଲା ପ୍ରଧାନ)


ବୈଠକରେ ଉପସ୍ଥିତ ଅଧିକାରୀ।

ଖରିଫ ଋତୁରେ ସାରର ସୁଷମ ବଣ୍ଟନ ସହ ଉଚିତ୍ ଦରରେ ଚାଷୀମାନେ କିଭଳି ପାଇପାରିବେ ସେ ନେଇ ଭଞ୍ଜନଗର ଅତିରିକ୍ତ ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ଏବଂ ବୁଗୁଡ଼ାଠାରେ ସମୀକ୍ଷା ବୈଠକ ହୋଇଥିଲା। ମଧ୍ୟାହ୍ନରେ ଭଞ୍ଜନଗରରେ ଅନୁଷ୍ଠିତ ବୈଠକରେ ବ୍ଲକର ସୋସାଇଟି ସମ୍ପାଦକ ଏବଂ ଡିଲରମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ସଂଧ୍ୟାରେ ବୁଗୁଡ଼ା ଠାରେ ଅନୁଷ୍ଠିତ ବୈଠକରେ ଭଞ୍ଜନଗର ଏଡିଓ ସୁଧାଂଶୁ କୁମାର ନନ୍ଦ ଅଧକ୍ଷତା କରି ସାରର ସୁଷମ ବଣ୍ଟନ ଉପରେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସିଂହ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ନାନୋ ୟୁରିଆ ୨୨୦ ଟଙ୍କା, ନାନୋ ଡି ଏ ପି ୬୦୦ ଟଙ୍କା, ଡିଏପି ୧୩୫୦, ପଟାସ ୧୭୦୦ ଟଙ୍କା ଏବଂ ୟୁରିଆ ସାର ୪୫ କେଜିକୁ ୨୬୬ ଟଙ୍କା ୫୦ ପଇସାରେ ଚାଷୀଙ୍କୁ ବିକ୍ରି କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଅଛି। କିନ୍ତୁ ଭଞ୍ଜନଗର ବ୍ଲକରେ ସୋସାଇଟି ଗୁଡିକରେ ଟ୍ରାନ୍ସପୋର୍ଟ ଖର୍ଚ୍ଚ ମିଶାଇ ୟୁରିଆ ସାର ୪୫ କେଜିକୁ ୩୧୦ରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରାଯାଉଛି। ଆଉ କେତେକ ସ୍ଥାନରେ ୩୨୦ ଟଙ୍କାରେ ମଧ ବିକ୍ରି ହେଉଛି। ଡିଲରମାନେ ତା ଠାରୁ ଆହୁରି ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ନିର୍ଦ୍ଦେଶନାମାକୁ ସୋସାଇଟି ଏବଂ ଡିଲର ମାନେ ବିଭିନ୍ନ କାରଣ ଦର୍ଶାଇ ମାନୁନାହାନ୍ତି। ଅନ୍ୟପଟେ କୃଷି ବିଭାଗ ପକ୍ଷରୁ ସମୀକ୍ଷା ପରେ ସମୀକ୍ଷା କରାଯାଇ ନାମକୁ ମାତ୍ର ସୋସାଇଟି ଏବଂ ଡିଲରମାନଙ୍କୁ ତାଗିଦ୍ କରାଯାଉଛି। ଏନେଇ ଭଞ୍ଜନଗର ବ୍ଲକର ଜଣେ ସୋସାଇଟି ସମ୍ପାଦକ କହିଛନ୍ତି ଯେ ସରକାର ଗୋଟେ ନିୟମ କରୁଛନ୍ତି କିନ୍ତୁ ସୋସାଇଟି ଆଉ ଗୋଟେ ନିୟମ କରୁଛନ୍ତି। ତେଣୁ ଆମେ ବାଧ ହୋଇ ସୋସାଇଟି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ମାନି ଟ୍ରାନ୍ସପୋର୍ଟ ଖର୍ଚ୍ଚ ଚାଷୀଙ୍କ ଠାରୁ ନେଉଛି। ସରକାରୀ ନିର୍ଦ୍ଦେଶନାମା ମାନିଲେ ଟ୍ରାନ୍ସପୋର୍ଟ ଖର୍ଚ୍ଚ କିଏ ଦେବ ବୋଲି ସମ୍ପାଦକ ଜଣଙ୍କ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଭଞ୍ଜନଗର ଏବଂ ବୁଗୁଡ଼ା ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝୀ କହିଛନ୍ତି ଯେ ଚଢ଼ା ଦରରେ କେଉଁଠି ସାର ବିକ୍ରି ହେଉଥିବା ଅଭିଯୋଗ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ନୀଳମାଧବ ଦର୍ଶନ କଲେ ଜିଲାପାଳ, ଏସ୍‌ପି


ମନ୍ଦିରର ଉନ୍ନୟନ କାର୍ଯ୍ୟ ଜିଲାପାଳ ଓ ଏସ୍‌ପି ପରିଦର୍ଶନ କରୁଛନ୍ତି।

ଖଣ୍ଡପଡ଼ା,୧୨।୭(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାରେ ନୂତନ ଏସ୍‌ପି ଭାବରେ ରାହୁଲ ଜୈନ ଦାୟିତ୍ୱ ଗ୍ରହଣ କରିବା ପରେ ବୁଧବାର ଜିଲାପାଳ ରବିନ୍ଦ୍ର ନାଥ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମଲ୍ଲିକଙ୍କ ସହ କଂଟିଲୋ ଆସି ଶ୍ରୀ ନୀଳମାଧବ ଜୀଉଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନୀଳମାଧବ ପୀଠ ବିକାଶ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇ କାର୍ଯ୍ୟ ଚାଲୁ ରହିଛି । ତେବେ ୫-ଟି ସଚିବ ଆସନ୍ତା ୨୦ ତାରିଖରେ ନୟାଗଡ ଜିଲା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏ ଅବସରରେ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠକୁ ଅସିବାର କାର୍ଯ୍ୟକ୍ରମ ରହିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏ ପରିପ୍ରେକ୍ଷୀରେ ଜିଲାପାଳ ସାହୁ, ଅରକ୍ଷୀ ଅଧିକ୍ଷକ ଜୈନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମଲ୍ଲିକ ପୂର୍ବାହ୍ନରେ ଏଠାରେ ପହଁଚି ସ୍ଥାନୀୟ ଐତିହାସିକ ପଲଟନ ପଡିଆରେ ହେଲିକ୍ୟାପଟର ଅବତରଣ ନିମନ୍ତେ ହେଲିପ୍ୟାଡ ପାଇଁ ସ୍ଥାନ ପରିଦର୍ଶନ କରିଥିବା ଜଣାଯାଇଛି। ଅପରପକ୍ଷରେ ଜିଲାପାଳ, ଏସପି ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୀଳମାଧବ ମନ୍ଦିର ଉତର ପାର୍ଶ୍ୱରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରି କାର୍ଯ୍ୟର ଶିଥିଳତା ପାଇଁ କାର୍ଯ୍ୟ ଦାଧିତ୍ୱରେ ଥିବା ଉପସ୍ଥିତ ଅଧିକାରୀଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସୂଚନା ଦେଇଥିବା ଜଣାଯାଇଛି।

**୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ହେଲିପ୍ୟାଡ ସ୍ଥାନ ପରିଦର୍ଶନ**

# ରାଶନ କାର୍ଡ ଥାଇ ଚାଉଳରୁ ବଞ୍ଚିତ ବାସନ୍ତୀ

ଭାପୁର,୧୨।୭ (ଭରତ କୁମାର ବେହେରା)


ବାସନ୍ତୀ ନିଜ ନାମରେ ଥିବା ରାଶନ କାର୍ଡ ଦେଖାଉଛନ୍ତି।

ନୟାଗଡ଼ ଜିଲା ଭାପୁର ବ୍ଲକ୍ ବିଜିପୁର ପଞ୍ଚାୟତର ଜଣେ ମହିଳା ଖାଦ୍ୟ ସୁରକ୍ଷା ଯୋଜନାରେ ନିଜ ନାମ ପଞ୍ଜୀକୃତ କରିବା ପାଇଁ ବ୍ଲକ୍ ଅଫିସ ଦୌଡ଼ି ନିରାଶ ପରେ ଭାଙ୍ଗି ପଡିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଅସହାୟମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥାନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ କୌଣସି ବ୍ୟକ୍ତି ମୌଳିକ ଅଧିକାରରୁ ବଞ୍ଚିତ ହେବେ ନାହିଁ କିମ୍ବା ଭୋକ ଉପାସରେ କେହି ରହିବେ ନାହିଁ। ଏଥିପାଇଁ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ଅସହାୟ ଜନସାଧାରଣଙ୍କୁ ମାଗଣାରେ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି । ହେଲେ ଭାପୁର ବ୍ଲକ୍‌ରେ ଖାଦ୍ୟ ସୁରକ୍ଷା ଯୋଜନା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି । ବିଜିପୁର ପଞ୍ଚାୟତ ଖଟିଆପଲ୍ଲୀ ଗ୍ରାମର ବାସନ୍ତୀ ମୁଦୁଲି ପୂର୍ବରୁ ରାଶନ ସାମଗ୍ରୀ ପାଉଥିଲେ। ତାଙ୍କର ତାଲିକାର ଏଫ୍‌ପିଏସ୍ କୋଡ଼ ନଂ. ୨୪୦୧ଜି ୦୧୩ ରହିଥିବା ସହ କାର୍ଡ ନମ୍ବର ୨୪୦୧୦୭୧୦୨୫୨ ରେ ରାଶନ ସାମଗ୍ରୀ ପାଇ ପରିବାର ଚଳାଉଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନଭେମ୍ବର ୨୧ରୁ କୌଣସି କାରଣରୁ ଆଉ ତାଙ୍କ ରାଶନ ସାମଗ୍ରୀ ପଞ୍ଚାୟତରୁ ମିଳିଲା ନାହିଁ। ବାସନ୍ତୀ ମୁଦୁଲିଙ୍କ ପରିବାର ଏନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ି ନୟାନ୍ତ ହୋଇଥିଲେ ମଧ କେହି ଶୁଣି ନ ଥିଲେ । ଯୋଗାଣ ବିଭାଗ ନିରୀକ୍ଷକ ନା ଭାପୁର ବିଡ଼ିଓ କେହି କର୍ଣ୍ଣପାତ କରି ନ ଥିଲେ। ଏନେଇ ବାସନ୍ତୀ ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନୟାଗଡ଼ ଜିଲାପାଳଙ୍କୁ ନିକଟରେ ଅଭିଯୋଗ କରିଥିଲେ। ହେଲେ ଆଜି ଆସ କାଲି ଆସ କହି ସମସ୍ତେ ଦିନ ଗଡ଼ାଇ ଚାଲିଛନ୍ତି। ଏ ସଂକ୍ରାନ୍ତରେ ବାସନ୍ତୀ କୁହନ୍ତି, ମୁଁ ଭୂମିହୀନ। ତାଙ୍କ ପଞ୍ଚାୟତର କେତେଜଣ ଅସାଧୁ ବ୍ୟକ୍ତି ଜାଣିଶୁଣି ରାଜନୈତିକ ଆକ୍ରୋଶ ରଖି ତାଙ୍କ ରାଶନ କାର୍ଡ କାଟି ଦେଇଛନ୍ତି। ଆମେ ମୂର୍ଖ ଲୋକ ଏ ସଂକ୍ରାନ୍ତରେ କିଛି ଜାଣିନୁ ବୋଲି ସେ କହିଛନ୍ତି।

## ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ପୋଲସରା,୧୨।୭(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ଏକ ଘର ଭିତରୁ ବୁଧବାର ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପୋଲସରା ବ୍ୟାଙ୍କ ଅଫ୍ ଇଣ୍ଡିଆର ଅତିରିକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଶୁଭଙ୍କର ଦାଶ। ସୁଧାଂଶୁ ରହୁଥିବା ଭଡ଼ାଘରର କବାଟ ବୁଧବାର ସକାଳୁ ଖୋଲି ନ ଥିଲେ। ସନ୍ଦେହରେ ସାହି ବାସିନ୍ଦା ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଉକ୍ତ ଘରୁ ଝୁଲନ୍ତା ଅବସ୍ଥାରେ ସୁଧାଂଶୁଙ୍କ ମୃତଦେହ ଜବତ କରି ପରିବାରକୁ ଖବର ଦେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ, ଦୁଇ ଦିନ ତଳେ ପୁଅଙ୍କ ସହିତ ବାପା ଗଗନ କୁମାର ଦାସ ଫୋନ୍‌ରେ କଥା ହେଇଥିଲେ। ସୁଧାଂଶୁ କହିଥିଲେ ତାଙ୍କୁ ବ୍ୟାଙ୍କରେ ଅଧିକ କାମ ପ୍ରେସର ହେଉଛି। ଏହା ପରେ ଜଣେ ଗ୍ରାହକଙ୍କ ସହିତ ଝଗଡ଼ା ହୋଇଥିଲା, ହତ୍ୟା ଧମକ ଦେଇଥିବା ବେଳେ ଶୁକ୍ରବାର ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ମଧ ଝଗଡ଼ା ହୋଇଥିବା ସେ କହିଥିଲେ। ତେଣୁ ପୁଅ ସୁଧାଂଶୁଙ୍କୁ କେହି ହତ୍ୟା କରିଥିବା ନେଇ ଗଗନ ଅଭିଯୋଗ କରିଛନ୍ତି। ତେବେ ସୁଧାଂଶୁଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ନଂ. ୪୦୬/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଏଏସ୍‌ଆଇ ଜୟ ପ୍ରକାଶ ପଟ୍ଟନାୟକ କହିଛନ୍ତି।

## ରଘୁନାଥଜୀଉଙ୍କ ଦର୍ଶନ କଲେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ

ଓଡ଼ଗାଁ,୧୨।୭ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ମଙ୍ଗଳବାର ମଧ୍ୟାହ୍ନରେ ଓଡ଼ଗାଁ ଗସ୍ତରେ ଆସି ଶ୍ରୀରଘୁନାଥ ଜୀଉଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଓଡ଼ଗାଁ ସାମ୍ବାଦିକ ସଂଘ ତରଫରୁ ସଭାପତି ଅଶୋକ କୁମାର ମହାପାତ୍ର, ଉପସଭାପତି ଆଦର୍ଶ କୁମାର ପଟ୍ଟନାୟକ, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧକ୍ଷ ସାରସ କୁମାର ମିଶ୍ର ଏସ୍‌ପିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଜିଲାପାଳ ଏବଂ ଏସ୍‌ପି ରାମସାଗର ପାର୍କ ପରିଦର୍ଶନ କରିବା ପରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ନୂତନ ଶ୍ରେଣୀକକ୍ଷ ବୁଲି ଦେଖିଥିଲେ । ସେଠାରୁ ସେମାନେ ରାବରା ଯାଇ ଛତୁ ପ୍ରକ୍ରିୟାକରଣ କେନ୍ଦ୍ର ବୁଲି ଦେଖିବା ପରେ ନୟାଗଡ଼ ଫେରି ଯାଇଥିଲେ । ଏହି ଗସ୍ତ ସମୟରେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ପ୍ରମୁଖ ସାମିଲ ହୋଇ ଥିଲେ ।

## ଉତ୍କଳ ପାଣ ଖ୍ରୀଷ୍ଟିଆନ୍ ସମାଜ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ

ମୋହନା,୧୨।୭(ମନ୍ମଥ ମିଶ୍ର)


ଉପସ୍ଥିତ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ କର୍ମକର୍ତ୍ତା ।

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ପିଣ୍ଡିକି ଗ୍ରାମରେ ଅବସ୍ଥିତ ସେଣ୍ଟ ଥୋମାସ ଚର୍ଚ୍ଚ ପରିସରରେ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ, ମୋହନା ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ମେ' ମାସରେ ୫-ଟି ସଚିବ ଭି.କେ ପାଣ୍ଡିଆନ ୨ଦିନିଆ ଗଜପତି ଜିଲା ଗସ୍ତରେ ଆସି ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ୟା ବୁଝିବା ସହ ଲୋକେ ନିଜର ସମସ୍ୟା ନେଇ ସଚିବଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଅବସରରେ ପିଣ୍ଡିକି ଚର୍ଚ୍ଚର ଉନ୍ନତିକରଣ ପାଇଁ ସେଣ୍ଟଥୋମାସ ଚର୍ଚ୍ଚ ପକ୍ଷରୁ ଲିଖିତ ଦରଖାସ୍ତ ଦିଆଯାଇଥିଲା । ରାଜ୍ୟ ସରକାର ଏହାକୁ ବିଚାରକୁ ନେଇ ସେଠାରେ କମ୍ୟୁନିଟି ସକାଶେ ସଭାଗୃହ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହାକୁ ନେଇ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ସଭାପତି ଅଭୟ ପରିଚ୍ଛା, ଉପସଭାପତି ପ୍ରକାଶ ନାୟକ, ଗୁଲ୍ଲାନ ନାୟକ, ସମ୍ପାଦକ ପ୍ରଶାନ୍ତ ନାୟକ, ସହ ସମ୍ପାଦକ ବିଭୂଚରଣ ମଳିକ, କୋଷାଧକ୍ଷ ଦେବାନନ୍ଦ ନାୟକ, ସହ କୋଷାଧକ୍ଷ ଅଜିତ କୁମାର ନାୟକ, ସୁକାନ୍ତ କୂଳଦୀପ, ପ୍ରମୋଦ ନାୟକ, ପାର୍ସକଲ ନାୟକଙ୍କ ସମେତ ବିଭିନ୍ନ ଧର୍ମାଞ୍ଚଳରୁ ପ୍ରାୟ ୧ହଜାରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

### ଶ୍ରୀରାମ ମନ୍ଦିର ନିର୍ମାଣ ନେଇ ଭୂମି ପୂଜନ

ପାରଳାଖେମୁଣ୍ଡି,୧୨।୭(ଗିରିଧାରୀ ପରିଛା): ପାରଳାଖେମୁଣ୍ଡିସ୍ଥିତ ରାମନଗରଠାରେ ଶ୍ରୀ ରାମମନ୍ଦିର ନିର୍ମାଣ ନେଇ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ବହୁ ଦିନରୁ ଉକ୍ତ ଅଞ୍ଚଳରେ ରାମ ମନ୍ଦିର କରିବା ନେଇ ଆଲୋଚନା ଚାଲିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇ ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ଭୂମି ପୂଜନ କରିଥିଲେ। ସ୍ଥାନୀୟ ଯୁବକ କୋଟାଲା ଯୁବରାଜ, କେ. ନାରାୟଣ, ଭି. ମୋହନ, ପି. କ୍ରିଷ୍ଣା, ଜି. ନାଗେଶ ପ୍ରମୁଖଙ୍କ ସହ ଅନ୍ୟ ଯୁବକମାନେ ଏକତ୍ରିତ ହୋଇ ସମସ୍ତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା, କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ବିକ୍ଷୋଭ




ପାରଳାଖେମୁଣ୍ଡି,୧୨।୭ (ଗିରିଧାରୀ ପରିଛା): ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ହାଇସ୍କୁଲ ଛକଠାରୁ ଏକ ବିଶାଳ ରାଲି ବାହାରି ନଗର ପରିକ୍ରମା କରିବା ସହ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସମାନ ଗ୍ରେଡ-ପେ'କୁ ସମାନ ଦରମା ପ୍ରଦାନ, ସମସ୍ତଙ୍କୁ ପେନସନ ଓ ଅବସରକାଳୀନ ରାଶି ପ୍ରଦାନ, କର୍ମଚାରୀଙ୍କୁ ସପ୍ତମ ବେତନ ଦରମା ପ୍ରଦାନ, ବାଦ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଭଳି ୪ଟି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## ୬୬୨ ବର୍ଗ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି ।

ଛତ୍ରପୁର,୧୨।୭(ସନ୍ତୋଷ ପାଢୀ): ନିଖିଳ ଓଡିଶା ୬୬୨ ବର୍ଗ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ସମାନ ଗ୍ରେଡ୍ ପେ' ଆଧାରରେ ସମସ୍ତ ବର୍ଗର କର୍ମଚାରୀମାନଙ୍କୁ ସମାନ ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରାଦନ ଓ ବାଦ୍ ପଡିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ରହିଛି। ଜିଲା ସମ୍ପାଦକ ଶିଶିରକାନ୍ତ ବିଷୋୟୀଙ୍କ ଆବାହକତ୍ୱରେ ଜିଲାର ଏହି ବର୍ଗର ୪୨ଟି କଲେଜର ୨୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଛତ୍ରପୁର କଲେଜ ଛକଠାରୁ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ୨୦ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ଡ. ସୂର୍ଯ୍ୟନାରାୟଣ ଦାଶ ସୂଚନା ଦେଇଛନ୍ତି।

# ସମସ୍ୟା ବୁଝିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ଖଜୁରିପଡ଼ା,୧୨।୭(ବିଦୁର ବେରୋ)

**ଭଙ୍ଗା ଘରେ ଅସହାୟା ଯମୁନା**


ଯମୁନାଙ୍କ ସହ ଆଲୋଚନା କରୁଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ।

ଭଙ୍ଗା ଦଦରା ଘରେ ରହୁଥିବା ଅସହାୟ ଯମୁନା କହଁର ପାଖରେ ବୁଧବାର ବଲସକୁମ୍ପା ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦ୍ମଚରଣ ମହାନ୍ତି ପହଞ୍ଚି ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦେଖି ଯମୁନା ସମସ୍ତ ସମସ୍ୟା କହିଥିଲେ। ତାଙ୍କ ଶୋଚନୀୟ ଅବସ୍ଥା ଦେଖି ପଞ୍ଚାୟତ ନିର୍ବାହୀ ଅଧିକାରୀ ସରକାରୀ ସହାୟତା ପ୍ରଦାନ କରିବା ଦିଗରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ଏବଂ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହଛନ୍ତି। ଖଜୁରିପଡ଼ା ବ୍ଲକର ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧିନନବଗୁବା (ଜମୁସାହି) ଗ୍ରାମର ୬୦ ବର୍ଷୀୟ ଯମୁନା କହଁର ଏବଂ ତାଙ୍କ ଝିଅ ସ୍ୱର୍ଣ୍ଣ ୨୭ ଅତି ଦୟନୀୟ ଭାବରେ ଭଙ୍ଗା ଦଦରା ଘରେ ସାପ ବେଙ୍ଗ ସହିତ ରହୁଛନ୍ତି। ଘର ଅବସ୍ଥା ଶୋଚନୀୟ ଥିବା ଯୋଗୁ ବର୍ଷା, ଶୀତ, କାକରରେ ସାହି ପଡିଶା ସମ୍ପର୍କୀୟଙ୍କ ଘର ବାରଣ୍ଡାରେ ରହୁଛନ୍ତି। ଘର ଖଣ୍ଡେ ପାଇବା ଆଶାରେ ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନ କରିଥିଲେ କିନ୍ତୁ ଆଜି ଯାଏ ଘର ଖଣ୍ଡେ ପାଇବା ସାତ ସପନ ପାଲଟିଲା। ସରକାରୀ ସହାୟତା କହିଲେ ଚାଉଳ ୧୦ କିଲୋ ଏବଂ ବିଧବା ଭତ୍ତା ମିଳୁଛି। ସେଥିରେ ପରିବାର ଗୁଜୁରାଣ ମେଣ୍ଟାଇବାକୁ ପଡୁଛି। ୨୦୨୦ରେ ହୋଇଥିବା ଲଗାଣ ବର୍ଷା ପବନରେ ଘରର କାନ୍ଥ ସବୁ ଭୁଶୁଡ଼ି ଯାଇଛି ବୋଲି ଧରିତ୍ରୀ ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତତ୍କାଳୀନ ବିଡ଼ିଓ, ତହସିଲଦାର, ସରପଞ୍ଚ, ବ୍ଲକ ଅଧକ୍ଷ, ଉପାଧକ୍ଷ, ରାଜସ୍ୱ ନିରୀକ୍ଷକ ଅଧିକାରୀ ସମସ୍ତେ ଆସି ଦେଖିବା ପରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏବେ ଯାଏ ଘର ଖଣ୍ଡେ ପାଇବାଟା ତ ଦୂରର କଥା ଘର ପାଇବା ପାଇଁ ଥିବା ସମ୍ଭାବ୍ୟ ତାଲିକାରେ ଯମୁନାର ନାଁ ନାହିଁ। ତଥାପି ଯମୁନା ଭାଙ୍ଗି ନ ପଡ଼ି ପୁଣି ଥରେ ଘର ପାଇଁ ଆଉ ଏକ ଦରଖାସ୍ତ ଲେଖି ବିଡିଓ ଉଦ୍ଦେଶ୍ୟରେ ମୁଖ୍ୟ କିରାଣୀଙ୍କୁ ସାକ୍ଷାତ କରି ଦେଇଥିଲେ। ତେଣୁ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହି ଗରିବ ପରିବାରଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଅଞ୍ଚଳବାସି ମଧ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ୧୫ ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ଧାମନଗର,୧୨।୭(ଦେବେନ୍ଦ୍ର ଆଦ୍ଦିଆ/ ସନ୍ତୋଷ କୁମାର ମହାପାତ୍ର): ଭଦ୍ରକ ଜିଲା ଧାମନଗର ରେଞ୍ଜ ଅଧୀନ ଧାମନଗର ବଜାର ଓ ଛକ ଅଞ୍ଚଳରେ ବେଆଇନ କରତକଳ ନିତିଦିନ ଚାଲିଛି। ବନ ବିଭାଗର ବାଲେଶ୍ୱର ଓ କଟକ ଭିଜିଲାନ୍ସ ଟିମ୍ ବୁଧବାର ଧାମନଗର ରେଞ୍ଜର ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉଡେଇପୁର୍ ଓ ଦାଣ୍ଡକୁଳଠାରେ ଚାଲିଥିବା ବେଆଇନ ସ'ମିଲ ଉପରେ ଚଢ଼ାଉ କରିଥିଲେ। ଏହି ଚଢାଉରେ କଟକ ଭିଜିଲାନ୍ସ ଡିଏଫଓ ରଜନୀକାନ୍ତ ମହାନ୍ତି,ବାଲେଶର ଭିଜିଲାନ୍ସ ଏସିଏଫ୍ ତପନ ପରିଡ଼ା, ବିବେକାନନ୍ଦ ଜେନା, ଭଦ୍ରକ ରେଞ୍ଜର ପୀତାମ୍ବର ନାୟକ, ଧାମନଗର ରେଞ୍ଜର କୁଶ ଚରଣ ସିଂ, ଭଦ୍ରକ ବନପାଳ ପ୍ରକାଶ ଦାସ, ଅମରେନ୍ଦ୍ର ନାୟକ, ଧାମନଗର ବନପାଳ ପ୍ରୀତିରାଣୀ ଦାସ, ଭଣ୍ଡାରୀପୋଖରୀ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ, ଫରେଷ୍ଟ ଗାର୍ଡ ଓ ଧାମନଗର ପୋଲିସ, ଫୋର୍ସ ଉପସ୍ଥିତିରେ ଚଢାଉ କରିଥିଲେ। ଦୁଇଟି ମିଲରେ ଚଢ଼ାଉ ପରେ ବନ ବିଭାଗ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର କାଠ ଓ ଯନ୍ତ୍ରାଂଶ ଜବତ କରି ଧାମନଗର ରେଞ୍ଜ କାର୍ଯ୍ୟାଳୟକୁ ନେଇଛି।

# କେନାଲରେ ପାଣି ଛାଡ଼ିବାକୁ ଦାବି

**ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବ**

ଯାଜପୁର,୧୨।୭(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲାର ମୁଖ୍ୟ କେନାଲ ଶୁଖିଲା ପଡ଼ିଛି।

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ-ବୁଢା ଆନିକଟଠାରୁ ଆରମ୍ଭ ହୋଇଥିବା ମୁଖ୍ୟ କେନାଲରେ ପାଣି ଛାଡିବାକୁ ଚାଷୀକୂଳ ଦାବି କରିଛନ୍ତି। ଅଦ୍ୟାବଧି କେନାଲରେ ପାଣି ନ ଛଡ଼ାଯିବାରୁ ଚାଷୀମାନେ ତଳି ପକାଇ ପାରୁନାହାଁନ୍ତି। ଏହି କେନାଲ ଜରିଆରେ ଜିଲାର ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୦୯୯ ହେକ୍ଟର ଜମିରେ ପାଣି ମାଡିଥାଏ। ଏ ବିଷୟରେ ଜିଲା ଉପଭୋକ୍ତା ସମିତିର ସଭାପତି ଦିଗମ୍ବର କରଙ୍କ ନେତୃତ୍ୱରେ ଚାଷୀମାନେ ଯାଜପୁର ଜଳସେଚନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି କେନାଲରେ ତୁରନ୍ତ ପାଣି ଛାଡ଼ିବାକୁ ଦାବି କରିଛନ୍ତି। ପାଣି ଅଭାବରୁ ଏ ପର୍ଯ୍ୟନ୍ତ ଚାଷକାର୍ଯ୍ୟ ମଧ୍ୟ ହୋଇପାରୁନାହିଁ। ତୁରନ୍ତ ଏ ବିଷୟରେ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନାଯୋଗ୍ୟ, ବ୍ରିଟିଶ ଅମଳରୁ ନିର୍ମିତ ବୈତରଣୀ-ବୁଢା ଆନିକଟଠାରୁ ୧୦.୧୪୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କେନାଲ ଚାଷୀଙ୍କ ଜୀବନ ରେଖା ହୋଇଛି। ଗତ ୨୦୧୬ ଫେବୃୟାରୀରୁ ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଏହାର କଂକ୍ରିଟକରଣ କରାଯାଇଥିଲା। ଏହାପରେ ଚାଷୀମାନେ କମ ବର୍ଷା ହେଲେ ଉକ୍ତ କେନାଲ ପାଣି ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଆରମ୍ଭରୁ ବର୍ଷା ଧୋକ ଦେଇଛି। ଯାଜପୁର ଜିଲାରେ କୃଷି ବିଭାଗ ପକ୍ଷରୁ ଜୁନରେ ୨୩୮ ମିମି ସ୍ୱାଭାବିକ ବର୍ଷା ହେବା କଥା। କିନ୍ତୁ ଏହି ମାସରେ ମାତ୍ର ୧୪୭.୬୬ ମିମି ବର୍ଷା ରେକର୍ଡ କରାଯାଇଥିଲା। ବିଞ୍ଝାରପୁର, ରସୁଲପୁର ଓ ଧର୍ମଶାଳା ବ୍ଲକ ଅଞ୍ଚଳରେ ୧୦୦ ମିମି ବର୍ଷା ଛୁଇଁ ପାରି ନ ଥିଲା। ଏଭଳିସ୍ଥିତିରେ ଚାଷୀମାନେ ତଳିପକାଇବାରୁ ବଞ୍ଚିତ ରହିଥିଲେ। ଏହାପରେ ଜୁଲାଇରେ ସ୍ୱାଭାବିକ ବର୍ଷା ହେବ ବୋଲି ଚାଷୀମାନେ ଆଶା ରଖିଥିଲେ। ହେଲେ ଚାଷୀଙ୍କ ଏହି ଆଶା ମଧ୍ୟ ଏଯାଏ ପୂରଣ ହୋଇ ପାରିନାହିଁ। ଫଳରେ କେନାଲ ଥାଇ ସୁଦ୍ଧା ଚାଷୀମାନଙ୍କ ଚାଷ କାର୍ଯ୍ୟ ବିଳମ୍ବ ହୋଇଛି। ଏହିକ୍ରମରେ କେନାଲରୁ ପାଣି ନ ଛାଡିଲେ ଚାଷୀମାନଙ୍କ ଚାଷୀ କାର୍ଯ୍ୟ ଆରମ୍ଭ ହୋଇ ପାରିବ ନାହିଁ ବୋଲି ମତପ୍ରକାଶ ପାଇଛି।

# ବାଲି ଉଠାଣକୁ ନେଇ ସପକ୍ଷ, ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ

**ଘଟଣାସ୍ଥଳ ଛାଡ଼ି ପଳାଇଲା ପୋଲିସ**

ପାଣିକୋଇଲି,୧୨।୭(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ମୂଳାପାଳ ପଞ୍ଚାୟତସ୍ଥ ଶାଳବା ବାଲି ଘାଟରୁ ଭାରିଯାନ ଯୋଗେ ବାଲି ପରିବହନକୁ ନେଇ ସପକ୍ଷ, ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଖବର ଲେଖା ହେବା ବେଳକୁ ଉଭୟ ଗୋଷ୍ଠୀ ଗଣ୍ଡଗୋଳ ପାଇଁ ଠେଙ୍ଗା ବାଡି ଧରି ପ୍ରସ୍ତୁତ ଥିବାବେଳେ ପୋଲିସ ଅସମର୍ଥ ପ୍ରକାଶ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ପ୍ରଶାସନର ଦୋମୁହାଁ ନିଷ୍ପତ୍ତି ଯୋଗୁ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଘାଟରୁ ବାଲି ପରିବହନକୁ ବିରୋଧ କରି ସରସଦା ଗ୍ରାମବାସୀ ଗତ ୭ ତାରିଖ ରାତିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ହାଇୱାକୁ ଅଟକ ରଖିଥିଲେ। ପୋଲିସ ପହଞ୍ଚିଥିଲେ ହେଁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ବର୍ଷା ଦିନେ ନଦୀବନ୍ଧ ଓ ରାସ୍ତାର ସୁରକ୍ଷା ଦୃଷ୍ଟିରୁ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଗ୍ରାମବାସୀ କହିଥିଲେ। ଏହି ରାସ୍ତାରେ ବର୍ଷା ଦିନେ ଭାରିଯାନ ଚଳାଚଳ ଯୋଗୁ ଯାତାୟତରେ ବାଧା ଉପୁଜୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ।

୮ତାରିଖରେ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ପ୍ରମୁଖ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବାଲି ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଲିଜଧାରୀ ଓ ଗ୍ରାମାବସୀଙ୍କ ମଧ୍ୟରେ ସୋମବାର ଆଲୋଚନା ଓ ରାସ୍ତାର ମରାମତି ପରେ ବାଲି ଗାଡି ଚାଲିବ କି ନାହିଁ ତାହା ନିଷ୍ପତ୍ତି ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଅଟକାଇଥିବା ହାଇୱାଗୁଡିକୁ ଛାଡ଼ି ଦେଇଥିଲେ। କିନ୍ତ କୌଣସି ଆଲୋଚନା ନ ହୋଇ ବୁଧବାର ପୁନର୍ବାର ବାଲିଗାଡି ଚଳାଚଳ କରିବାରୁ କେତେଜଣ ଲୋକ ବିରୋଧ କରିଥିଲେ। ସପକ୍ଷବାଦୀମାନେ ସେଠାରେ ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସପକ୍ଷବାଦି ବାଲି ଚଳାଇବାକୁ ଜିଦ ଧରିଥିବାବେଳେ ବିପକ୍ଷବାଦୀ ଗାଡି ନ ଛାଡିବା ଜିଦରେ ଅଟକ ରହିଥିଲେ। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।



ବାଲିଘାଟ ନିକଟରେ ଲୋକ ଏକତ୍ର ହୋଇଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଟ୍ରାକ୍ଟର ଚଢ଼ାଇ ଜଣଙ୍କୁ ହତ୍ୟା ମାମଲା**




ଅଭିଯୁକ୍ତଙ୍କୁ କୋର୍ଟରୁ ନିଆଯାଉଛି।

ଯାଜପୁର ଟାଉନ,୧୨।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଟ୍ରାକ୍ଟର ଚଢ଼ାଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ସୁନିଲ କୁମାର ଦାଶ ବୁଧବାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା କରି ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ବିବରଣୀରୁ ପ୍ରକାଶ, ଯାଜପୁର ସଦର ଥାନା ଲଙ୍କାବାଲିସାହି ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କ ପୁଅ ତ୍ରୈଲୋକ୍ୟନାଥ ସାହୁ ଓ ଖଣ୍ଡାସ ଗ୍ରାମର ଭୀମସେନ ମଲ୍ଲିକଙ୍କ ଜମି ଗୋଟିଏ ସ୍ଥାନରେ। ପୂର୍ବରୁ ଏହି ଦୁଇ ଜଣଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଭୀମସେନ ନିଜ ଚାଷ ଜମିରେ ବାଦାମ ଚାଷ କରିଥିଲେ। ସେ ବାଦାମ ଅମଳ କରି ବିଲରେ ପକାଇଥିବାବେଳେ ତ୍ରୈଲୋକ୍ୟ କିଛି ବାଦାମ ଜୋର ଜବରଦସ୍ତ ନେଇଯାଇଥିଲେ। ଏହାପରେ ୨୦୧୭ ମାର୍ଚ୍ଚ ୨୭ରେ ତ୍ରୈଲୋକ୍ୟ ଏକ ଟ୍ରାକ୍ଟର ଆଣି ପୁଣି ଭୀମସେନଙ୍କ ଜମିରେ ଓପଡ଼ା ହୋଇ ପଡ଼ିରହିଥିବା ବାଦାମକୁ ଗାଡ଼ିରେ ନେବାକୁ ଚେଷ୍ଟା କରୁଥିବାବେଳେ ଭୀମସେନ ଓ ଅକ୍ଷୟ ମଲ୍ଲିକ ପହଞ୍ଚିଥିଲେ। ଭୀମସେନ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ତ୍ରୈଲୋକ୍ୟ ଭୀମସେନଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭୀମସେନଙ୍କ ମୃତ୍ୟୁ ହୋଇଥିଲା। ଅକ୍ଷୟ ଗୁରୁତର ହୋଇଥିଲେ। ଏନେଇ ଭୀମସେନଙ୍କ ବଡ଼ଭାଇ ଉପେନ୍ଦ୍ର ମଲ୍ଲିକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ସଦର ଥାନାରେ ନଂ.୫୭/୧୭ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତ ତ୍ରୈଲୋକ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏବେ ତ୍ରୈଲୋକ୍ୟ ଜେଲ୍‌ରେ ଅନ୍ତେବାସୀଭାବେ ସଜା କାଟିଆସୁଛନ୍ତି। ଅତିରିକ୍ତ ଜିଲା ଦୌରା ଜଜ୍ ଦାସ ୧୪ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅନ୍ୟପକ୍ଷରେ ଅକ୍ଷୟଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ଓ ୪ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ନାୟକ ମାମଲା ପରିଚାଳନା କରୁଥିଲେ।

# ଇମ୍ଫା କାରଖାନା ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

କଳିଙ୍ଗନଗର,୧୨।୭(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଶାର ଶିଳ୍ପୋଦ୍ୟୋଗୀ ଇମ୍ଫା ଗ୍ରୁପ ଏକ ଫେରୋକ୍ରୋମ ଓ ବିଦ୍ୟୁତ୍ ଉତ୍ପାଦକ କାରଖାନା ସ୍ଥାପନ କରିବାକୁ ଯାଉଛି। ବାର୍ଷିକ ୯୬୦୦୦ ଟନ କ୍ଷମତା ବିଶିଷ୍ଟ ହାଇ କାର୍ବନ ଫେରୋକ୍ରୋମ ୟୁନିଟ ସହିତ ୧୦ ମେଗାୱାଟ ବିଦ୍ୟୁତ ଉତ୍ପାଦକ ଏହି ପ୍ରକଳ୍ପ ନିମନ୍ତେ ବୁଧବାର ପୂର୍ବାହ୍ନରେ ପରିବେଶ ସମ୍ବନ୍ଧୀୟ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରାଙ୍କ ପରିଚାଳନାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୩୧ଜଣ ମୌଖିକ ଭାବେ ମତ ରଖିଥିବାବେଳେ ୪ ଜଣ ଲିଖିତ ମତ ଦେଇଥିଲେ। ୨୬ ମତାମତ କାରଖାନା ସପକ୍ଷରେ ରହିଥିବା ଜଣାପଡ଼ିଛି। ଏଥି ମଧ୍ୟରୁ ୫ ଜଣ ଥଇଥାନ ନୀତିକୁ ଠିକ ଭାବରେ ପାଳନ କରିବାକୁ କହିଥିଲେ।

ସୂଚନା ମୁତାବକ, ଇମ୍ଫାର ଏହି ଫେରୋକ୍ରୋମ ଓ ବିଦ୍ୟୁତ୍ ଉତ୍ପାଦକ କାରଖାନା ପାଇଁ ୫୪୭ କୋଟି ଟଙ୍କା ବିନିଯୋଗ ହେବ। କଳିଙ୍ଗନଗର ଶିଳ୍ପାଞ୍ଚଳର ଜଖପୁରା ମୌଜାରେ କାରଖାନା ପାଇଁ ଇଡ୍‌କୋ ୫୦.୨୯ ହେକ୍ଟର ଜମି ଲିଜ ଆକାରରେ ଯୋଗାଇ ଦେଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ସୁକିନ୍ଦା କ୍ରୋମ ଖଣି ଅଞ୍ଚଳରେ ଥିବା ଇମ୍ଫାର ନିଜସ୍ୱ ଖଣିରୁ ଅଣାଯିବ। ଉତ୍ପାଦନ ପାଇଁ ଆବଶ୍ୟକୀୟ କୋକ, କୋଇଲା, କ୍ୱାର୍ଟଯାଇଟ ଓ ଚୂନ ବାହାରୁ ଆସିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଦୈନିକ ୨୨୫୦ କିଲୋ ଲିଟର ପାଣିକୁ ଇଡ୍‌କୋ ପାଇପ ଲାଇନ ମାଧ୍ୟମରେ ଯୋଗାଇଦେବ। ପ୍ରକଳ୍ପ ପାଇଁ ମୋଟ୍ ୫୬ ମେଗାୱାଟ ବିଦ୍ୟୁତ୍ ଆବଶ୍ୟକ ହେଉଥିବାବେଳେ କାରଖାନାରୁ ୧୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବ। ଶିବିରରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍ ଟପ୍ପୋ, ଇନ୍ସପେକ୍ଟର ସୁକାନ୍ତ ପାତ୍ର, ସୁଶାନ୍ତ କୁମାର ଦାସ ଓ ଉପେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଦାନଗଦି ଭବନ ପରିସରରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ୪ ଦଫା ଦାବିପତ୍ର




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ କର୍ମକର୍ତ୍ତା।

**ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ**

ଯାଜପୁର ଟାଉନ,୧୨।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟର ନିଖିଳ ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ବୁଧବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୨୦୧୧ ଡିସେମ୍ବର ୩୦ ତାରିଖରେ ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ୬୬୨ ଓ ୪୪୮ ବର୍ଗ ଧାରାରେ କାର୍ଯ୍ୟ କରୁଥିବା ଅଧ୍ୟାପକଙ୍କ ଦରମା ସମାନ କରିଥିଲେ। ପ୍ରାୟ ୧ବର୍ଷ ଧରି ସମାନ ଦରମା ମଧ୍ୟ ମିଳିଥିଲା। ମାତ୍ର ୨୦୨୩ ଜାନୁୟାରୀରେ ଅନ୍ୟ ଏକ କ୍ୟାବିନେଟ୍ ବୈଠକରେ ନିୟମ ପରିବର୍ତ୍ତନ କରି ଏକ ବିରାଟ ଅସଙ୍ଗତି ସୃଷ୍ଟି କରାଯାଇଛି। ଫଳରେ ସମାନ ଧାରାରେ କାର୍ଯ୍ୟ କରୁଥିବା ଅଧ୍ୟାପକଙ୍କ ମଧ୍ୟରେ ୧୦ ହଜାର ଟଙ୍କା କମ୍‌ବେଶି ରହିଛି।

ତେଣୁ ସମାନ କାମକୁ ସମାନ ଦରମା, ଅବସର ନେଇଥିବା ଓ ନେବାକୁ ଥିବା କର୍ମଚାରୀଙ୍କୁ ପେନସନ୍ ଏବଂ ଅବସରକାଳୀନ ରାଶି ପ୍ରଦାନ ଓ ୨୦୦୮ ଏବଂ ୨୦୧୪ ଜିଓର କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯାଜପୁର ଜିଲା ସଭାପତି ବିଜୟ କୁମାର ଦାଶ, ସମ୍ପାଦକ ଅଭିମନ୍ୟୁ ସାହୁ, ରାଜ୍ୟ ଉପସଭାପତି କୈଳାସ କୁମାର ମହାପାତ୍ର, ମିନାକ୍ଷୀ ଦେବତା, ଇନ୍ଦୁପ୍ରଭା ସାମଲ, ମିନାକ୍ଷୀ ମିଶ୍ର, ଭରତ ଚନ୍ଦ୍ର ବେହେରା, ମନୋରଞ୍ଜନ ଜେନା, କାନ୍ତିଲତା ତ୍ରିପାଠୀ, ରାମମୋହନ ଦେବତା, ପ୍ରଶାନ୍ତ କୁମାର ନନ୍ଦ, ପ୍ରଦୀପ କୁମାର ମଲ୍ଲିକ, ରାଜେନ୍ଦ୍ର କୁମାର ମଲ୍ଲିକ ଓ ମଦନ ମୋହନ ପାତ୍ର ପ୍ରମୁଖଙ୍କ ସମେତ ବହୁ ଅଧ୍ୟାପିକାଅଧ୍ୟାପକ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଭାଜପା ଯୁବନେତାଙ୍କ ଜନସମ୍ପର୍କ ପଦଯାତ୍ରା

ଯାଜପୁର ଟାଉନ,୧୨।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଭାଜପା ପକ୍ଷରୁ ଚାଲିଥିବା ଜନସମ୍ପର୍କ ପଦଯାତ୍ରା ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ତଥା ଯୁବନେତା ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଯାଜପୁର ପୌରାଞ୍ଚଳ ଓ ମାର୍କଣ୍ଡପୁର ପଞ୍ଚାୟତରେ ଆରମ୍ଭ ହୋଇଛି। ଯୁବନେତା ପାତ୍ର ମଙ୍ଗଳବାର ସନ୍ଧ୍ୟାରେ ମା'ବିରଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପୌରାଞ୍ଚଳର ୧୬ ଏବଂ ୧୭ନଂ. ୱାର୍ଡରେ ଘରକୁ ଘର ବୁଲି ମୋଦି ସରକାରଙ୍କ ଲୋକଭିମୁଖି ଯୋଜନା ଓ ଗରିବ କଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ପଚାରି ବୁଝିଥିଲେ। ଏଥିସହିତ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରୀ ସରକାରଙ୍କୁ ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ପୌରାଞ୍ଚଳର ଜନସମ୍ପର୍କ ଯାତ୍ରାରେ ପାତ୍ରଙ୍କ ସହ ରଶ୍ମିପ୍ରଭା ସାହୁ, ଲକ୍ଷ୍ମୀକାନ୍ତ ସନ୍ଧିବିଗ୍ରହ, ଜୟନାରାୟଣ ସ୍ୱାଇଁ, ପୀତାମ୍ବର ଦାଶ, ହୃଷୀକେଶ ପରିଡ଼ା, ପ୍ରକାଶ ବେହେରା, ଶ୍ରୀକାନ୍ତ ସାହୁ, ଉର୍ମିଳା ବେହେରା, କୁନା ସାମଲ, ଅନୁସୟା ସାମଲ, ମୌସୁମୀ କବି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୁଧବାର ତାଙ୍କ ନେତୃତ୍ୱରେ ମାର୍କଣ୍ଡପୁର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ହୋଇଥିଲା। କର୍ମୀମାନେ ଘରକୁ ଘର ବୁଲି ମୋଦି ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

# ଦୁର୍ନୀତି ଅଭିଯୋଗର ହେଉନି ତଦନ୍ତ

**ମନ୍ଦାରି ପଞ୍ଚାୟତରେ ବଢୁଛି ଜନ ଅସନ୍ତୋଷ**

ବରୀ,୧୨।୭(ମହେନ୍ଦ୍ର ସ୍ୱାଇଁ):



ବରୀ ବ୍ଲକ୍ ଅଧୀନ ମନ୍ଦାରି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ଓ ପଞ୍ଚାୟତ ପାଣ୍ଠିରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହେଉଛି। ଏନେଇ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଦନ୍ତ ହେଉନାହିଁ। ଫଳରେ ଏହାକୁ ନେଇ ପଞ୍ଚାୟତରେ ଜନଅସନ୍ତୋଷ ବୃଦ୍ଧିପାଉଛି।

ସୂଚନା ମୁତାବକ, ଏହି ପଞ୍ଚାୟତର ମହେଶ୍ୱର ଜେନାଙ୍କ ଆବାସ ଯୋଜନା କ୍ରମିକ ସଂଖ୍ୟା ୩୯ ରହିଛି ଏବଂ ସେ ସବର୍ଣ୍ଣ ଜାତିର ହୋଇଥିବାବେଳେ ତାଙ୍କୁ କ୍ରମିକ ସଂଖ୍ୟା ୧୮ରେ ଅନୁସୂଚିତ ଜାତି ଦର୍ଶାଇ ଘର ଯୋଗାଇଦେବାର ଉଦ୍ୟମ ହୋଇଛି। ତେଣୁ ଏହାପଛରେ ଯେଉଁମାନଙ୍କ ହାତ ରହିଛି ସେମାନଙ୍କୁ ତଦନ୍ତ ପରିସର କରାଯାଉ ବୋଲି ପଞ୍ଚାୟତର ପର୍ଶୁରାମ ଜେନା ଓ ହରିହର ପଣ୍ଡା ପ୍ରମୁଖ ଦାବିକରିଛନ୍ତି। ଏତଦ୍‌ବ୍ୟତୀତ ଏମ୍‌ଜିଏନ୍‌ଆର୍‌ଇଜିଏସରେ କେତେଜଣ ସରକାରୀ କର୍ମଚାରୀ ଓ ଦିବ୍ୟାଙ୍ଗଙ୍କ ନାମରେ ଜବ୍ କାର୍ଡ କରାଯାଇ ଟଙ୍କା ଉଠାଣ କରାଯାଉଛି। ସେହିପରି ଏହି ପଞ୍ଚାୟତରେ ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗୋଟିଏ ପ୍ରକଳ୍ପରେ ୩ ଥର ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏସବୁର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଲୋକ ଲୋଚନକୁ ଆସିପାରିବ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ଶ୍ରମ ମନ୍ତ୍ରଣାଳୟର ସଚେତନତା କାର୍ଯ୍ୟକ୍ରମ

କାଳିଆପାଣି,୧୨।୭(ଅସିତ ମହାନ୍ତ):

ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ ମାଇନିଂ କମ୍ପାନୀର ସୁକିନ୍ଦା ଖଣି କଲୋନୀ ପରିସର କାଟେପୁର୍ତ୍ତି ଅଡିଟୋରିୟମଠାରେ ବୁଧବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଡେପୁଟି ଚିଫ୍ ଲେବର କମିଶନର ଏସ. ସମ୍ପଦ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରଚଳନ ହୋଇଥିବା ସମାଧାନ ଓ ଶ୍ରମ ସୁବିଧା ପୋର୍ଟାଲର ଉପକାରିତା ଉପରେ ବୁଝାଇଥିଲେ। ଶ୍ରମିକଙ୍କ ସୁବିଧା ପାଇଁ ଏହି ପୋର୍ଟାଲକୁ ସମ୍ପୂର୍ଣ୍ଣ ସରଳୀକରଣ କରାଯାଇଥିବା ସେ ପ୍ରକାଶ କରିଥିଲେ। ଶ୍ରମ ମନ୍ତ୍ରଣାଳୟର ଅବନୀ କାନ୍ତ ସ୍ୱାଇଁ ଓ ଅନୁଗୋଳସ୍ଥିତ ଏଲଇଓ ଅଜିତ କୁମାର ସ୍ୱାଇଁ ଏଥିରେ ଯୋଗଦେଇ ଶ୍ରମିକମାନଙ୍କ ହିତ ପାଇଁ ପ୍ରଚଳିତ ଏହି ପୋର୍ଟାଲ ଉପରେ ସମସ୍ତ କମ୍ପାନୀ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଓଏମ୍‌ସି, ଟାଟା ଷ୍ଟିଲ ମାଇନିଂ, ଇମ୍ଫା, ଫେକର ଓ ଜିନ୍ଦଲ କମ୍ପାନୀ ସହ ଉତ୍ତୋଳନରେ ନିୟୋଜିତ ଠିକାଦାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ତଥା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର ଯୋଗଦେଇ ଶ୍ରମିକଙ୍କ କଲ୍ୟାଣ ପାଇଁ ଶ୍ରମ ବିଭାଗର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ଭିତରେ ଟାଟାଷ୍ଟିଲ୍ ମାଇନିଂର ରାଜେଶ ଚିନ୍ତକ, ସଞ୍ଜୟ ଶତପଥୀ, ଶମ୍ଭୁନାଥ ଝା, ନବୀନ ଶ୍ରୀବାସ୍ତ ପ୍ରମୁଖ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କମ୍ପାନୀ ପକ୍ଷରୁ ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ ଓ ସଂଜୀବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

## ସଂକ୍ଷେପରେ

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂଆ ଶ୍ରେଣୀଗୃହରେ ପଢ଼ା ଆରମ୍ଭ

**ନାଉଗାଁ, ୧୨।୭(ସୁଧା ବେହୁରା) :** ନାଉଗାଁ ବ୍ଲକ ଦହିପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଶ୍ରେଣୀଗୃହରେ ବୁଧବାରଠାରୁ ପାଠପଢ଼ା ଆରମ୍ଭ ହୋଇଛି। ୨୦୨୧-୨୨ ଓ ୨୨-୨୩ ଆର୍ଥିକ ବର୍ଷରେ ଉକ୍ତ ବିଦ୍ୟାଳୟରେ ୧୬୦ ଜଣ ପିଲା ନାମ ଲେଖାଇଛନ୍ତି। ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଉକ୍ତ ବିଦ୍ୟାଳୟ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ କରାଯାଇଥିଲା। ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଗୃହ ନ ଥିବାରୁ ୨ଟି କ୍ଲାସ୍‌କୁ ପୃଥକ୍ ପୃଥକ୍ ସମୟରେ କରାଯାଉଥିଲା। ଫଳରେ ପିଲାମାନଙ୍କର ପାଠପଢ଼ାରେ ବହୁ ଅସୁବିଧା ହେଉଥିଲା। ଦୀର୍ଘଦିନ ପରେ ନୂତନ ଶ୍ରେଣୀଗୃହରେ ପାଠପଢ଼ା ହୋଇଥିବାରୁ ପିଲା ଓ ଅଭିଭାବକମାନେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

### ରଘୁନାଥପୁର ଥାନାରୁ ଏସ୍‌ଆଇଙ୍କ ବଦଳି ହେଲା

**ରଘୁନାଥପୁର, ୧୨।୭(ରାଜେନ୍ଦ୍ର ନାରାୟଣ ସିଂହ) :** ରଘୁନାଥପୁର ଥାନାରେ ରହି ବିବାଦୀୟ ହୋଇପଡିଥିବା ଏସ୍‌ଆଇ ଅନୀଲ କୁମାର ସାହୁଙ୍କୁ ବଦଳି ହୋଇଛି। ଚିଠି ନଂ. ୮୦୪/୧୦ ଜୁଲାଇ ୨୦୨୩ ଅନୁଯାୟୀ ଜଗତ୍‌ସିଂହପୁର ଏସ୍‌ପି ଏସ୍‌ଆଇ ସାହୁଙ୍କୁ ଏରସମା ଥାନାକୁ ବଦଳି କରିଛନ୍ତି। ସେହିପରି ଏରସମା ଥାନାର ଏସ୍‌ଆଇ ଯୁଗେଶ୍ୱର ବେହେରାଙ୍କୁ ରଘୁନାଥପୁର ଥାନାକୁ ବଦଳି କରାଯାଇଛି। ଏସ୍‌ଆଇ ସାହୁ ଥାନାକୁ ନ୍ୟାୟ ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ବିଭିନ୍ନ କ୍ଷେତ୍ରରେ ହଇରାଣ କରୁଥିବା ସମ୍ପର୍କରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଜୁନ ୧୬ରେ ଏସ୍‌ପି, ମୋ ସରକାର, ୫-ଟି ସଚିବ ଓ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଟୁଇଟ କରିଥିଲେ ଏହାର ଗୁରୁତ୍ୱକୁ ଉପଲବ୍ଧ କରି ପୁନର୍ବାର ଜୁନ ୨୭ରେ କଂଗ୍ରେସ ନେତା ଇଂ. ମଲ୍ଲିକ ଏକ ଟିମ୍ ସହ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏହା ତଦନ୍ତାଧୀନ ଥିବାବେଳେ ରଘୁନାଥପୁର ଥାନାର ଜଣେ ଏ ଏସ୍‌ଆଇ ଫୋନ ଯୋଗେ ଇଂ ମଲ୍ଲିକଙ୍କ ମାଆଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଧମକ ଦେଇଥିଲେ। ଯାହାର ତଦନ୍ତ କରାଯାଇ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ତୁରନ୍ତ ବଦଳି କରାଯାଇଥିଲା। ଏହାଛଡା ସାହୁଙ୍କ କାର୍ଯ୍ୟଧାରାକୁ ନେଇ ରଘୁନାଥପୁର ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଥିଲେ। ଫଳରେ ସାଧାରଣଜନତାଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଧୀରେ ଧୀରେ ପୋଲିସ ଉପରୁ ଆସ୍ଥା ତୁଟୁଥିଲା। ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧ କରି ଏସ୍‌ପି ରାହୁଲ ପିଆର ନେଇଥିବା ପଦକ୍ଷେପକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯିବା ସହ କଂଗ୍ରେସ ନେତା ଇଂ. ମଲ୍ଲିକ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ଅଧ୍ୟକ୍ଷ ପଦବୀକୁ ନେଇ ବଢ଼ିଲା ଅଡୁଆ

**ଜଗତ୍‌ସିଂହପୁର, ୧୨।୭ (ପ୍ରମୋଦ କୁମାର ନାୟକ)**



ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ।

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦବୀକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର କଟକ କନ୍ଦରପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଅର୍ଥଶାସ୍ତ୍ର ବିଭାଗ ରିଡର ସାରଦା ପ୍ରସନ୍ନ ମହାପାତ୍ର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗଦେବା ପାଇଁ ଦରଖାସ୍ତ କଲା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କାରଣ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ବର୍ତ୍ତମାନର ଅଧ୍ୟକ୍ଷ ଅଛନ୍ତି ବିଜୟ କୁମାର ପାତ୍ର। ଏହା ପୂର୍ବରୁ ସେ କନ୍ଦରପୁର ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଥିଲେ। ବଡ଼ କଥା ହେଲା ସେତେବେଳେ ସାରଦା ପ୍ରସନ୍ନ ମହାପାତ୍ର ଅଧ୍ୟକ୍ଷ ଥିବା ବେଳେ ପାତ୍ର ତାଙ୍କ ଅଧୀନରେ କାମ କରୁଥିଲେ। ଏବେ ପ୍ରସଙ୍ଗ ଓଲଟା ହୋଇଯାଇଛି। ପାତ୍ର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବଦଳି ହୋଇ ଆସିଲା ପରେ ବରିଷ୍ଠତା ଭିତ୍ତିରେ ଅଧ୍ୟକ୍ଷ ହୋଇଛନ୍ତି। କିନ୍ତୁ ମହାପାତ୍ରଙ୍କ ବଦଳି ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇଥିବା ଏବଂ ସେ ଯୋଗଦେବା ପାଇଁ ଜଗତ୍‌ସିଂହପୁରରେ ପହଞ୍ଚିବାରୁ ଅଧ୍ୟକ୍ଷ ପଦବୀରେ କିଏ ବସିବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପାତ୍ର ଛୁଟିରେ ଥିଲେ। ଦିନକ ପାଇଁ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ମୁଖ୍ୟ ବନ୍ଦିତା ଦାଶ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତେବେ କନ୍ଦରପୁର କଲେଜ ଅଧ୍ୟକ୍ଷ ମହାପାତ୍ର ଜଗତ୍‌ସିଂହପୁରରେ ପହଞ୍ଚି କାର୍ଯ୍ୟରେ ଯୋଗ ଦେବା ପାଇଁ ଦରଖାସ୍ତ ଦେଲା ପରେ ଦାଶ ତାହା ଗ୍ରହଣ କରିଥିଲେ। ଆଲୋଚନାର ବିଷୟ ହେଉଛି ରାଜ୍ୟପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ୩୦।୧୧।୨୨ରେ କନ୍ଦରପୁର କଲେଜ ଇତିହାସ ବିଭାଗ ରିଡର ସାରଦା ପ୍ରସାଦ ମହାପାତ୍ରଙ୍କୁ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ବଦଳି କରାଯାଇଥିବା ଦର୍ଶାଇଥିଲେ। ୧।୧୨।୨୨ରୁ ସେ ରିଲିଭ ହେବା ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏପରି କି ଏହି ଦିନଠାରୁ ସେ ନୂଆ କରି ନିଯୁକ୍ତ ମହାବିଦ୍ୟାଳୟରୁ ଦରମା ପାଇବେ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ୨।୧୨।୨୨ରେ ପୂର୍ବ ନିର୍ଦ୍ଦେଶନାମାରେ ସଂଶୋଧନ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା କନ୍ଦରପୁର କଲେଜ ଅର୍ଥଶାସ୍ତ୍ର ବିଭାଗ ରିଡର ସାରଦା ପ୍ରସନ୍ନ ମହାପାତ୍ରଙ୍କ ନାଁ ପରିବର୍ତ୍ତେ ଇତିହାସ ବିଭାଗ ରିଡର ସାରଦା ପ୍ରସାଦ ମହାପାତ୍ର ଉଲ୍ଲେଖ କରାଯାଇଥିଲା। ତେବେ ତାଙ୍କ ବଦଳି ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ଏହାପରେ ପୁଣି ୩୦।୬।୨୩ରେ ଏହି ସ୍ଥଗିତାଦେଶକୁ ଉଠାଇ ଦିଆଯାଇଥିଲା। ଏଥିରେ ଦର୍ଶାଯାଇଛି ମହାପାତ୍ର ୩୦।୬।୨୩ରୁ କନ୍ଦରପୁର କଲେଜରୁ ରିଲିଭ ହେବେ।

> ■ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ
> ■ କନିଷ୍ଠଙ୍କ ଅଧୀନରେ ବରିଷ୍ଠ କାମ କରିବା ନେଇ ସନ୍ଦେହ
> ■ କନ୍ଦରପୁର କଲେଜ ଅଧ୍ୟକ୍ଷ ଯୋଗଦେବା ପରେ ଏଭଳି ପରିସ୍ଥିତି

ସେ ଆଉ ପୁରୁଣା ସ୍ଥାନରୁ ଦରମା ପାଇବେ ନାହିଁ। ଅର୍ଥାତ୍ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗଦେବା ପରେ ୧।୭।୨୩ ପରଠାରୁ ଏହି ମହାବିଦ୍ୟାଳୟରୁ ଦରମା ପାଇବେ। ଏବେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାପାତ୍ର ଯୋଗ ଦେଉଥିବାରୁ ସେ ଅଧ୍ୟକ୍ଷ ପଦବୀ ପାଇଁ ଦାବିଦାର ହୋଇପାରନ୍ତି ବୋଲି କୁହାଯାଉଛି। ଯଦି ଦାବିଦାର ନ ହେବେ କିଛି ଅସୁବିଧା ନାହିଁ। କିନ୍ତୁ ଦାବିଦାର ହେଲେ ବର୍ତ୍ତମାନର ଅଡୁଆ ବଢ଼ିବ। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପାତ୍ରଙ୍କୁ ପଚାରିବାରେ ସେ ମହାପାତ୍ରଙ୍କଠାରୁ ବରିଷ୍ଠ। କନ୍ଦରପୁର କଲେଜରେ ସେ ବରିଷ୍ଠ ବୋଲି ଦାବିଦାର ନ ଥିଲେ, ଯେଉଁ କାରଣରୁ ମହାପାତ୍ର ଅଧ୍ୟକ୍ଷ ଥିଲେ। ଏବେ ସେ ସମସ୍ୟା ନାହିଁ ବୋଲି ପାତ୍ର କହିଛନ୍ତି।

## ଏଣିକି ଓଡ଼ିଆ ଭାଷାରେ ନାମଫଳକ ବାଧ୍ୟତାମୂଳକ

**ଜଗତ୍‌ସିଂହପୁର, ୧୨।୭ (ପ୍ରମୋଦ କୁମାର ନାୟକ) :** ଓଡ଼ିଆ ଭାଷାରେ ନାମଫଳକ ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇ ଆସୁଥିଲା। ଏ ନେଇ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରିଛନ୍ତି। ଏଣିକି ସମସ୍ତ ସରକାରୀ, ବେସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ନାମଫଳକ ଓଡ଼ିଆରେ ଲେଖା ହେବ। ଏଥିସହ ବିଜ୍ଞାପନ ଓ କାର୍ଯ୍ୟାଳୟର ଭାଷା ମଧ୍ୟ ଓଡ଼ିଆ ରହିବ। ବୁଧବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏକ ପ୍ରେସ୍ ଇସ୍ତାହାରରେ ଦର୍ଶାଯାଇଛି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଏଣିକି ଜିଲାର ସମସ୍ତ କାର୍ଯ୍ୟାଳୟର ନଥି ପରିଚାଳନା ଓ ଦୋକାନ ବଜାର ନାମଫଳକ ଓଡ଼ିଆରେ ଲେଖାଯିବ ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ, ଦେଶର ପ୍ରତ୍ୟେକ ରାଜ୍ୟରେ ଇଂରାଜି ସହ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଓଡ଼ିଆ ଭାଷାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପକୁ ପ୍ରତ୍ୟେକେ ସ୍ୱାଗତ କରିବା ଉଚିତ ବୋଲି କୁହାଯାଇଛି।

## ଆବାସିକ ଗୃହ ମରାମତି ପାଇଁ ଘରୋଇ ସଂସ୍ଥା ସହ ପାରାଦୀପ ବନ୍ଦର ଚୁକ୍ତି ସ୍ୱାକ୍ଷର



ଘରୋଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ।

**ପାରାଦୀପ, ୧୨।୭(ଶରତ ରାଉତ)**

ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବୁଧବାର ଏକ ଘରୋଇ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବନ୍ଦରାଞ୍ଚଳରେ ଥିବା କ୍ୱାର୍ଟର୍ସଗୁଡ଼ିକର ମରାମତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଏଭଳି କରାଯାଇଛି। ଏ ନେଇ ବୋର୍ଡ ରୁମ୍‌ରେ ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତାଙ୍କ ଉପସ୍ଥିତିରେ ବନ୍ଦର ପକ୍ଷରୁ ମୁଖ୍ୟଯନ୍ତ୍ରୀ ଏଚ୍. ଏସ୍. ରାଉତ ଓ ଘରୋଇ ସଂସ୍ଥା ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍‌ର ସାଧାରଣ ପରିଚାଳକ ଆର୍. ଏନ୍. ସିହ୍ନା ସ୍ୱାକ୍ଷର କରିଥିଲେ। ବନ୍ଦର କର୍ମଚାରୀ, ବ୍ୟବହାରକାରୀ ସଂସ୍ଥା ରହୁଥିବା ପୋର୍ଟ କ୍ୱାର୍ଟର୍ସଗୁଡ଼ିକର ମରାମତି କାର୍ଯ୍ୟ ଆଗକୁ ହେବ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ସାମାଜିକ ସମୀକ୍ଷା



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଏରସମା, ୧୨।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ବ୍ଲକ ସଭାଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଉପରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଦୀପକ ପରିଡା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଏପିଓ ସାଧନା ରାଉତ, ବ୍ଲକ ସାମାଜିକ ସମୀକ୍ଷକ ଏସ୍‌ସି ମନୀଷ କୁମାର, ନଳିନୀ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଉପରେ ଆଲୋଚନା କରାଯାଇଥିଲା। ଅପରପକ୍ଷରେ କେତେକ ପ୍ରକଳ୍ପର ସବିଶେଷ ନଥିପତ୍ର ସମୀକ୍ଷା ବୈଠକରେ ଦାଖଲ କରାଯାଇ ନ ଥିବାରୁ ଜିଲା ସାମାଜିକ ସମୀକ୍ଷକ ପରିଡା ହିତାଧିକାରୀମାନଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୀରକିଶୋରପୁର ଗ୍ରାମର ସୁନାକର ସ୍ୱାଇଁଙ୍କ ସ୍ତ୍ରୀ କବିତା ଅଭିଯୋଗ କରିଥିଲେ ଯେ, ସେ ୨୦୨୦ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ କରିଥିଲେ। ସରକାରୀ ନିୟମ ଅନୁସାରେ, ଏହି ଗୃହ ନିର୍ମାଣରେ ନିଜ ଲୋକ ନିଜ ଘର କାମ କଲେ ଲେବର ଚାର୍ଜ ବାବଦକୁ ୧୭୦୦୦ ଅର୍ଥ ମିଳିବାର ବ୍ୟବସ୍ଥା କରାଯାଇଛି। ମାତ୍ର ଭୁଲ ବଶତଃ ଏହି ଅର୍ଥ ସେହି ଗ୍ରାମର ଅନ୍ୟଜଣଙ୍କ ବ୍ୟାଙ୍କ ବହିକୁ ଚାଲି ଯାଇଥିବା ସେ ସମୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ତାଙ୍କ ଅର୍ଥ ଫେରାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ଜିଲା ଅତିରିକ୍ତ କାର୍ଯ୍ୟ ନିବାହୀ ଅଧିକାରୀ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପଞ୍ଚାୟତ ଜିଆର୍‌ଏସ୍, କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ନାଉଗାଁ ବ୍ଲକରେ ୩୧ ପ୍ରକଳ୍ପ ପାଇଁ ୧୩୫ ଲକ୍ଷ ବ୍ୟୟ ବରାଦ

**ନାଉଗାଁ, ୧୨।୭(ସୁଧା ବେହୁରା):** ନାଉଗାଁ ବ୍ଲକର ପ୍ରାଚୀନ ମଠ ମନ୍ଦିର , ଧର୍ମପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ବିଭିନ୍ନ ପଞ୍ଚାୟତକୁ ଅନୁଦାନ ଯୋଗାଇ ଦିଆଯାଇଛି। ବ୍ଲକର ୩୧ଟି ପ୍ରକଳ୍ପ ପାଇଁ ୧୩୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯିବା ପାଇଁ ସ୍ଥିର ହୋଇଛି। ଏହି ଅନୁଦାନ ଅର୍ଥ ୧୪ଟି ପଞ୍ଚାୟତରେ ଖର୍ଚ୍ଚ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ହେଲେ ୨ ପଞ୍ଚାୟତ ଯଥା ବଛାଲୋ ଓ ଗଳଦାରୀ ସେଥିରୁ ବାଦ୍ ପଡ଼ିଥିବା ଜଣାଯାଇଛି। ଫଳରେ ଉକ୍ତ ୨ ପଞ୍ଚାୟତବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୩୧ଟି ପ୍ରକଳ୍ପ ମଧ୍ୟରୁ ନାଉଗାଁ ପଞ୍ଚାୟତକୁ ସର୍ବାଧିକ ୫ଟି ପ୍ରକଳ୍ପ ପାଇଁ ୨୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଶିଖର ପଞ୍ଚାୟତର ୪ଟି ପ୍ରକଳ୍ପ ପାଇଁ ୨୦ ଲକ୍ଷ, ତିରୁଣା, ଓଷକଣା ପଞ୍ଚାୟତର ପ୍ରତ୍ୟେକ ୩ଟି ପ୍ରକଳ୍ପ ପାଇଁ ୧୨ ଲକ୍ଷ, ଅଲଣା, ବାଂଶ, ଘୋଡାଂଶ, ରୋହିଆ, ଜାମୁଗାଁ ପ୍ରତ୍ୟେକ ୨ଟି ପ୍ରକଳ୍ପ ପାଇଁ ୮ ଲକ୍ଷ, କୋରୁଅ ୨ଟି ପ୍ରକଳ୍ପ ଲାଗି ୧୦ ଲକ୍ଷ, ଡେରିକି ଗୋଟିଏ ପ୍ରକଳ୍ପ ନିମନ୍ତେ ୫ ଲକ୍ଷ, ସେହିପରି ଡାବର, ନୂଆଗାଁ, ଗଜରାଜପୁର ପଞ୍ଚାୟତର ସର୍ବନିମ୍ନ ଗୋଟିଏ ପ୍ରକଳ୍ପ ପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ଜଣାଯାଇଛି।

> ବାଦ୍ ପଡ଼ିଲା ୨ ପଞ୍ଚାୟତ

## ନାଟକକୁ କଳାକାର ବୁଝିଲେ ଅଭିନୟ ଜୀବନ୍ତ ହେବ




ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ପାରାଦୀପ, ୧୨।୭(ଶରତ ରାଉତ)**

### ପାରାଦୀପରେ ୨ଦିନିଆ ନାଟ୍ୟକାର ସମ୍ମିଳନୀ

ପାରାଦୀପର ଜୟଦେବ ସଦନ ଓ ମଧୁବନ ଅଫିସର୍ସ କ୍ଲବ ପରିସରରେ ୨ଦିନିଆ ନାଟ୍ୟକାର ସମ୍ମିଳନୀ ବୁଧବାର ଆରମ୍ଭ ହୋଇଛି। ଏହା ଗୁରୁବାର ଶେଷ ହେବ। ନାଟ୍ୟ ଅନୁଷ୍ଠାନ କାନମାସ, ଜାତୀୟ ସଙ୍ଗୀତ ନାଟକ ଏକାଡେମୀ ଓ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ସମ୍ମିଳନୀରେ ରାଜ୍ୟ ତଥା ବାହାର ରାଜ୍ୟର ଅନେକ ନାଟ୍ୟକାର ସାମିଲ ହୋଇଛନ୍ତି। ଅଫିସର୍ସ କ୍ଲବଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବେ ବନ୍ଦର ଅର୍ଥ ଓ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ର ନାଥ ସୋନ୍ଦୀ, ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ଡା. ମାୟା ଦାସ, ରମାରମଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ କାନମାସ ସଭାପତି କ୍ୟାପ୍‌ଟେନ ଅତୁଲ୍ୟ କୁମାର ମହାପାତ୍ର ଓ ସମ୍ପାଦକ ଶ୍ରୀମନ ମିଶ୍ର ପରିଚାଳନା କରିଥିଲେ। ସନ୍ଧ୍ୟାରେ ଜୟଦେବ ଭବନରେ ନାଟକ ଆମ ଘର ନକ୍ସା ମଞ୍ଚସ୍ଥ ହୋଇଥିଲା। ଗୌରହରି ଦାସଙ୍କ ରଚିତ ଏବଂ ଦର୍ପନାରାୟଣ ସେଠୀଙ୍କ ନିର୍ଦ୍ଦେଶିତ ନାଟକରେ ସାମାଜିକ ଘଟଣା ଥିଲା। ଏଥିରେ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇଥିଲେ। ନାଟ୍ୟକାର ସମ୍ପର୍କରେ ହାରାନ୍ଧ କହିଥିଲେ, ନାଟ୍ୟକାର ଅନେକ ଚିନ୍ତା ଚେତନା ଓ ଅନୁଭବରୁ ନାଟକ ଲେଖିଥାନ୍ତି। ତାକୁ ନିର୍ଦ୍ଦେଶକ ଜୀବନ୍ତ କରିବାକୁ ଚେଷ୍ଟା କରିଥାନ୍ତି। କଳାକାର ନାଟକର ବିଷୟକୁ ବୁଝି ଅଭିନୟ କଲେ ତାହା ଦର୍ଶକଙ୍କ ମନକୁ ଛୁଇଁପାରିଥାଏ।

## ଘେରିରେ କାମ କରୁଥିବା ଯୁବକଙ୍କ ମୃତ୍ୟୁ

**ଏରସମା, ୧୨।୭ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ ଭିତରଅନ୍ଧାରୀ ପଞ୍ଚାୟତସ୍ଥିତ ଏକ ଚିଙ୍ଗୁଡ଼ି ଘେରିରେ କାମ କରୁଥିବା ଜଣେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ବାଘାଡ଼ି ଗ୍ରାମର ବଳରାମ ମାନ୍ନା(୧୯)। ମିଳିଥିବା ସୂଚନା ଅନୁସାରେ, ସେ ମାସେ ହେବ ଘେରିରେ କାମ କରି ଆସୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବଳରାମ ଚିଙ୍ଗୁଡ଼ି ଘେରି ପାଣିରେ ପଡ଼ିଥିବା ଅନ୍ୟ ପିଲାମାନେ ଦେଖିବାକୁ ପାଇଥିଲେ। ବଳରାମଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସେମାନେ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବିଦ୍ୟୁତ ଚାଳିତ ପାଣି ବୁହା ମୋଟରରେ ପାଣି ପୁରାଉଥିବାବେଳେ କରେଣ୍ଟ ଲାଗି ତାଙ୍କ ମୃତ୍ୟୁ ଘଟିଛି ବୋଲି ଘେରିରେ କାମ କରୁଥିବା ପିଲାମାନେ ଅନୁମାନ କରୁଛନ୍ତି। ପୋଲିସ ୯/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ନିରଞ୍ଜନ ଦାସଙ୍କଠାରୁ ଜଣାପଡ଼ିଛି।

## ବାଲି ଉଠାଣକୁ ନେଇ ସପକ୍ଷ, ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ

**ପାଣିକୋଇଲି, ୧୨।୭(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ନଦୀର ମୂଳାପାଳ ପଞ୍ଚାୟତସ୍ଥ ଶାଳବା ବାଲି ଘାଟରୁ ଭାରିଯାନ ଯୋଗେ ବାଲି ପରିବହନକୁ ନେଇ ସପକ୍ଷ, ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଖବର ଲେଖା ହେବା ବେଳକୁ ଉଭୟ ଗୋଷ୍ଠୀ ଗଣ୍ଡଗୋଳ ପାଇଁ ଠେଙ୍ଗା ବାଡି ଧରି ପ୍ରସ୍ତୁତ ଥିବାବେଳେ ପୋଲିସ ଅସମର୍ଥ ପ୍ରକାଶ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ପ୍ରଶାସନର ଦୋମୁହାଁ ନିଷ୍ପତ୍ତି ଯୋଗୁ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଘାଟରୁ ବାଲି ପରିବହନକୁ ବିରୋଧ କରି ସରସଦା ଗ୍ରାମବାସୀ ଗତ ୭ ତାରିଖ ରାତିରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ହାଇୱାକୁ ଅଟକ ରଖିଥିଲେ। ପୋଲିସ ପହଞ୍ଚିଥିଲେ ହେଁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ବର୍ଷା ଦିନେ ନଦୀବନ୍ଧ ଓ ରାସ୍ତାର ସୁରକ୍ଷା ଦୃଷ୍ଟିରୁ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଗ୍ରାମବାସୀ କହିଥିଲେ। ଏହି ରାସ୍ତାରେ ବର୍ଷା ଦିନେ ଭାରିଯାନ ଚଳାଚଳ ଯୋଗୁ ଯାତାୟତରେ ବାଧା ଉପୁଜୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ।

୮ତାରିଖରେ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ପ୍ରମୁଖ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବାଲି ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଲିଜଧାରୀ ଓ ଗ୍ରାମାବସୀଙ୍କ ମଧ୍ୟରେ ସୋମବାର ଆଲୋଚନା ଓ ରାସ୍ତାର ମରାମତି ପରେ ବାଲି ଗାଡି ଚାଲିବ କି ନାହିଁ ତାହା ନିଷ୍ପତ୍ତି ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଅଟକାଇଥିବା ହାଇୱାଗୁଡିକୁ ଛାଡ଼ି ଦେଇଥିଲେ। କିନ୍ତ କୌଣସି ଆଲୋଚନା ନ ହୋଇ ବୁଧବାର ପୁନର୍ବାର ବାଲିଗାଡି ଚଳାଚଳ କରିବାରୁ କେତେଜଣ ଲୋକ ବିରୋଧ କରିଥିଲେ। ସପକ୍ଷବାଦୀମାନେ ସେଠାରେ ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସପକ୍ଷବାଦି ବାଲି ଚଳାଇବାକୁ ଜିଦ ଧରିଥିବାବେଳେ ବିପକ୍ଷବାଦୀ ଗାଡି ନ ଛାଡିବା ଜିଦରେ ଅଟକ ରହିଥିଲେ। ଏ ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

> ଘଟଣାସ୍ଥଳ ଛାଡ଼ି ପଳାଇଲା ପୋଲିସ

## ଏମ୍.ଏନ୍. ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବିରେ ଗଣଧାରଣା

**କେନ୍ଦ୍ରାପଡ଼ା, ୧୨।୭(ଜଗନ୍ନାଥ ଧଳ)**



ଗଣଧାରଣାରେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘର ସଦସ୍ୟମାନେ।

ପଟ୍ଟାମୁଣ୍ଡାଇର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଏମଏନ ହାଇସ୍କୁଲରେ ପ୍ରଧାନଶିକ୍ଷକ ସମେତ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ଏହି ଗୌରବମୟ ଶିକ୍ଷାନୁଷ୍ଠାନକୁ ସେଣ୍ଟର ଅଫ ଏକ୍ସଲେନ୍ସ ଘୋଷଣା କରିବା ସହିତ ୫-ଟି କାର୍ଯ୍ୟକ୍ରମରେ ରୂପାନ୍ତରୀକରଣ କରିଥିଲେ ମଧ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନ ଅନ୍ତରାୟ ହୋଇଛି। ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ପକ୍ଷରୁ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରି ବିଫଳ ହେବା ପରେ ଜୁଲାଇ ୧୨ରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରି ଜିଲା ଶିକ୍ଷାଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ମଙ୍ଗଳବାର ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ସହିତ ଆଲୋଚନା କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲାଶିକ୍ଷାଧିକାରୀ ଏମ ଏନ ହାଇସ୍କୁଲରେ ଶିକ୍ଷାଦାନ ପାଇଁ ୩ଜଣ ଶିକ୍ଷକ ନିଯୁକ୍ତି ଦେଇଥିଲେ। ମାତ୍ର ଏ ସମ୍ପର୍କରେ କୌଣସି ସୂଚନା ନ ଥିବାରୁ ବୁଧବାର ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷକ ନିଯୁକ୍ତି ଦାବି କରି ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ପକ୍ଷରୁ ଏମ ଏନ ହାଇସ୍କୁଲ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା ।

ଅଭିଭାବକ ସଂଘ ସଭାପତି ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଗଣଧାରଣା ଓ ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଡ଼ ଅଲେଖ କୁମାର ଜେନା, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଓକିଲ ସଂଘ ସଭାପତି ତପନ ମିଶ୍ର, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନ ସିଲର ଗୋପୀବଲ୍ଲଭ ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ପୂର୍ବତନ ସରପଂଚ ସଂଘ ସଭାପତି ବୀରକିଶୋର ଦାସ, ଦଳିତ ସଂଘ ସଭାପତି କଳ୍ପତରୁ ମଲିକ, ଇଂ ତପନ ପାତ୍ର, ସମାଜସେବୀ ନୃସିଂହ ପ୍ରସାଦ ଚୌଧୁରୀ, କାଉନସିଲର ମଳୟ ଓଝା, ପୂର୍ବତନ ସରପଂଚ ପ୍ରଭାତ ପ୍ରଧାନ, ଯୁବନେତା ମନୋଜ ନାୟକ, ଶ୍ରମିକନେତା ବ୍ରଜବନ୍ଧୁ ଦାଶ, ଅଭିଭାବକ ସଂଘ ଉପସଭାନେତ୍ରୀ ଇତିଶ୍ରୀ ଦାଶ ଓ ସୌଦାମିନୀ ବେହେରା, ସମ୍ପାଦକ ବିଦ୍ୟାଭୂଷଣ ଦାଶ, କୋଷାଧକ୍ଷ ସତ୍ୟ ବର୍ମା, ଦେବାଶିଷ ପ୍ରଧାନ, ଚନ୍ଦନ ପାତ୍ର, ରାଜେନ୍ଦ୍ର ଦାଶ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସଂଗଠନ ସଦସ୍ୟ ଯୋଗ ଦେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଅବିଳମ୍ବେ ଏମଏନ ହାଇସ୍କୁଲ ଭଳି ଗୁରୁତ୍ୱପୂର୍ଣ୍ଣ ଓ ଗୌରବମୟ ଶିକ୍ଷାନୁଷ୍ଠାନର ଗରିମା ବଜାୟ ରଖିବା ପାଇଁ ଖାଲିପଡ଼ିଥିବା ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଦାବୀ କରିଥିଲେ। ଜିଲ୍ଲାଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରତିନିଧି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ବି.ଆର.ସି.ସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ପ୍ରଦୀପ ତରାଇ, ବିଶ୍ୱରଞ୍ଜନ ଦାଶ, ଅନ୍ତର୍ଯ୍ୟାମୀ ବେଜ ଓ ଦିଲ୍ଲୀପ ପଡ଼ିଆରୀ ପ୍ରମୁଖ ଘଣଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ବିଭିନ୍ନ ସଙ୍ଗଠନ ସହିତ ଆଲୋଚନା କରି ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରୀ ଗତକାଲି ଏମ ଏନ ହାଇସ୍କୁଲରେ ୩ ଶିକ୍ଷକ ନିଯୁକ୍ତି ଦେଇଥିବା ଜଣାଇବା ସହିତ ପ୍ରଧାନଶିକ୍ଷକ ସମେତ ଖୁବଶୀଘ୍ର ଅନ୍ୟାନ୍ୟ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ଜଣାଇଥିଲେ। ମାତ୍ର ଆନ୍ଦୋଳନକାରୀମାନେ ଜିଦରେ ଅଟଳ ରହିବାରୁ ବ୍ଲକ ଶିକ୍ଷାଧିକାରୀ ବେହେରା ଆନ୍ଦୋଳନକାରୀଙ୍କ ସହିତ ଜିଲାଶିକ୍ଷାଧିକାରୀଙ୍କ ଟେଲିଫୋନ ଯୋଗେ କଥାବାର୍ତ୍ତା କରିବା ସହିତ ମଙ୍ଗଳବାର ନିଯୁକ୍ତି ପାଇଥିବା ୩ ଶିକ୍ଷକଙ୍କ ନିଯୁକ୍ତିପତ୍ର ଦେବା ସହିତ ଅନ୍ୟାନ୍ୟ ଶିକ୍ଷକ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଜିଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ଅନୁଯାୟୀ ଆବଶ୍ୟକ ଶିକ୍ଷକ ଅବିଳମ୍ବେ ନିଯୁକ୍ତି ନ ଦେଲେ ପୁନରାୟ ଆନ୍ଦୋଳନ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି, ଅଭିଭାବକ ସଂଘ ଚେତାବନୀ ଦେଇଛି ।

> ୩ଶିକ୍ଷକ ନିଯୁକ୍ତି ସହ ଅନ୍ୟ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

# ତହସିଲଦାରଙ୍କ ବଦଳି ଦାବିରେ ଓକିଲ ସଂଘ ପକ୍ଷରୁ ତହସିଲ ଘେରାଉ

ରଣପୁର,୧୨।୭(ସୁକାନ୍ତ କିଶୋର ଡାକୁଆ )

ନୟାଗଡ଼ ଜିଲା ରଣପୁର ଓକିଲ ସଂଘର ଆହ୍ୱାନ କ୍ରମେ ରଣପୁର ତହସିଲଦାର ଈପ୍ସିତା ସାହୁଙ୍କ ବଦଳି ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପଞ୍ଚୁଦୋଳ ପଡ଼ିଆଠାରେ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଏକ ଶୋଭାଯାତ୍ରାରେ ସେମାନେ ରଣପୁର ସହର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ । ଏ ସଂକ୍ରାନ୍ତରେ ଖବର ପାଇ ରଣପୁର ବିଡ଼ିଓ ଜ୍ୟୋତି ପ୍ରକାଶ ସେଠୀ ସେଠାରେ


ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପହଞ୍ଚି ଓକିଲମାନଙ୍କୁ ବୁଝାଶୁଝା କରିଥିଲେ । ଏହି ଅବସରରେ ଓକିଲ ସଂଘ ପକ୍ଷରୁ ସମ୍ପାଦକ ସତ୍ୟରଞ୍ଜନ ମତା ଓ ଅନ୍ୟ ସଦସ୍ୟମାନେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ,ଗତ ମେ ୧୨ରେ ରଣପୁର ତହସିଲଦାର ଜଣେ ମହିଳା ଆଇନଜୀବିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଏଥିନେଇ ମହିଳା ଆଇନଜୀବି ଓ ରଣପୁର ତହସିଲଦାରଙ୍କ ଅଭିଯୋଗରେ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଥିଲା । ସେଦିନଠାରୁ ଓକିଲ ସଂଘ ତହସିଲଦାରଙ୍କ ବଦଳି ଦାବି କରି ଆସୁଛି । ଓକିଲ ସଂଘ ତରଫରୁ ତହସିଲଦାରଙ୍କ ଅଦାଲତ ବର୍ଜନ କରାଯାଇଛି । ତହସିଲଦାରଙ୍କ ବଦଳି ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳ, ରାଜସ୍ୱ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ମଙ୍ଗଳବାର ତହସିଲ ଅଫିସ ଘେରାଉ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଆନ୍ଦୋଳନରେ ବରିଷ୍ଠ ଆଇନଜୀବି ସୁବାସ ଜେନା, ନର୍ମଦା ରାୟ, ସୁଦର୍ଶନ ମାନସିଂ, ଶତ୍ରୁଘନ ପାଇକରାୟ, କୃପାସିନ୍ଧୁ ବେହେରା ପ୍ରମୁଖ ଯୋଗ ଦେଇ ତହସିଲଦାରଙ୍କ ତୁରନ୍ତ ବଦଳି ଦାବିରେ ବକ୍ତବ୍ୟ ରଖିଥିଲେ। ସଂଘର ଉପସଭାପତି ସୁକାନ୍ତ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଂଘର ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାସିଆ ଅଜାଙ୍କ ଜନ୍ମବାର୍ଷିକୀ ପାଳିତ


ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଆସିଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

ନୟାଗଡ଼,୧୨।୭(ଲୋକନାଥ ମିଶ୍ର)

ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ନୟାଗଡ଼ ମାଟିର ଗର୍ବ ଓ ଗୌରବ ଏବଂ ସମସ୍ତଙ୍କ ପ୍ରିୟ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୧୧୬ତମ ଜନ୍ମ ଜୟନ୍ତୀ ଜିଲା ସଦର ମହକୁମାରେ ପାଳିତ ହୋଇଯାଇଛି। ଏ ଅବସରରେ ଦାସିଆ ଅଜା ସ୍ମୃତି କମିଟି ତରଫରୁ କଚେରୀ ବଜାରସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ଦାସିଆ ଅଜା ଅମର ରହେ,ଦାସିଆ ଅଜା ଆମ ପ୍ରଣାମ ଘେନ ଆଦି ସ୍ଲୋଗାନରେ ସ୍ଥାନୀୟ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ସ୍ମୃତି କମିଟି ଅଧ୍ୟକ୍ଷ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲାପାଳ ରବିନ୍ଦ୍ର ନାଥ ସାହୁ,ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ,ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ,ନୟାଗଡ଼ ମ୍ୟୁନିସିପାଲଟି ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା,ସାମାଜିକ କର୍ମୀ ଦାମୋଦର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ,ଦୁର୍ଯ୍ୟୋଧନ ସାହୁ,ଆଇନଜୀବୀ ରଣଜିତ୍ ଦାଶ,ସୁରେନ୍ଦ୍ର ମହାପାତ୍ର,ପ୍ରଦୀପ କୁମାର ସାହୁ,ଲକ୍ଷ୍ମୀଧର ସାହୁ,କାମାକ୍ଷା ଦାଶ,ଅଧାପକ ଦିଲ୍ଲୀପ ମିଶ୍ର,ପ୍ରଫୁଲ୍ଲ କୁମାର ନାୟକ,ଅନାଦିଚରଣ ମହାନ୍ତି, ସିଦ୍ଧାର୍ଥ ଦେ ପ୍ରମୁଖ ଯୋଗଦାନ କରି ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରକାଶ ଯେ, ଦାସିଆ ଅଜା ଭାବେ ପରିଚିତ ସ୍ୱର୍ଗତ ଦାଶରଥି ପଟ୍ଟନାୟକ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରଠାରେ ୧୯୫୯ରେ ବାଞ୍ଛାନିଧି ପାଠାଗାର,୧୯୭୩ରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ । ସେ ୧୯୯୭ ସେପ୍ଟେମ୍ବର ୧୨ରେ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ ।

## ସଂକ୍ଷେପରେ

### ନ୍ୟାୟ୍ ପାଇଲେ ବୃଦ୍ଧ ପିତାମାତା

ନୟାଗଡ଼,୧୨।୭(ଲୋକନାଥ ମିଶ୍ର)/ ଓଡଗାଁ(ଆଦର୍ଶ କୁମାର ପଟ୍ଟନାୟକ) ଜିଲା ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପ ପରେ ଓଡ଼ଗାଁ ଥାନା ବାଲିସିଂସା ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁ ଓ ପଦ୍ମିନୀ ସାହୁ ନ୍ୟାୟ୍ ପାଇଛନ୍ତି। ବାର୍ଦ୍ଧକ୍ୟ ସମୟରେ ସେମାନଙ୍କ ଖାଦ୍ୟପେୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହେବାରୁ ଜିଲା ଆଇନ ସେବା ପ୍ରାଧାକରଣଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲା ଆଇନ ସେବା ପ୍ରାଧିକରଣ ଦରଖାସ୍ତକୁ ଗ୍ରହଣ କରି ପଞ୍ଜୀକୃତ କରିଥିଲେ । ପ୍ରାଧିକରଣର ତାଲିକା ଭୁକ୍ତ ଓକିଲ ରମେଶ ଚନ୍ଦ୍ର ମହାରଣାଙ୍କୁ ମକଦ୍ଦମା ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ପରିବାର ଅଦାଲତ, ନୟାଗଡ଼ ସେମାନଙ୍କ କେସକୁ ଗ୍ରହଣ କରିବା ସହିତ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣି ବୃଦ୍ଧ ପିତାମାତାଙ୍କ ଭରଣ ପୋଷଣ ନିମନ୍ତେ ବଡ଼ ପୁଅ ଶିବ ସାହୁ ବାପାଙ୍କୁ ମାସିକ ୧୮ ଶହ ଓ ମାଙ୍କୁ ୧୮ ଶହ ଏବଂ ସାନ ପୁଅ ବିଜୟ ସାହୁ ବାପାଙ୍କୁ ୧୨ ଶହ ମାଙ୍କୁ ୧୨ ଶହ ଲେଖାଏଁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ବୃଦ୍ଧ ପିତାମାତା ସେମାନଙ୍କ ଭରଣ ପୋଷଣ ପ୍ରାପ୍ୟ ପାଇଥିବା ହେତୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ ।

### ସିଡିଏମ୍ଓ ରମାକାନ୍ତ ପଣ୍ଡା ଯୋଗ ଦେଲେ

ନୟାଗଡ଼,୧୨।୭(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଭାବେ ରମାକାନ୍ତ ପଣ୍ଡା ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୂର୍ବତନ ସିଡିଏମ୍ଓ ମକରନ୍ଦ ବେଉରାଙ୍କଠାରୁ ଦାୟିତ୍ୱ ନେଇଛନ୍ତି । ଏହି ଅବସରରେ ପୁରୁଣା ସିଡିଏମ୍ଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂଆ ସିଡିଏମ୍ଓଙ୍କୁ ସ୍ୱାଗତ କରାଯାଇଛି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମ୍ଓଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଭାର ଆୟୋଜନା ହୋଇଥିଲା ।

### କାର୍ଯ୍ୟରେ ଯୋଗ ଦେଲେ ୨ ଆଇଆଇସି

ନୟାଗଡ଼,୧୨।୭(ଲୋକନାଥ ମିଶ୍ର):ନୟାଗଡ଼ ଜିଲାର ଇଟାମାଟି ଥାନା ଓ ଓଡ଼ଗାଁ ଥାନାରେ ଦୁଇ ଜଣ ଆଇଆଇସି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓଡ଼ଗାଁ ଆଦର୍ଶ ଥାନାରେ ରଶ୍ମୀ ରଞ୍ଜନ ସାହୁ ଓ ଇଟାମାଟି ଥାନାରେ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଇଟାମାଟି ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ ବୁଧବାର ରିଲିଭ୍ ହୋଇଛନ୍ତି । ପ୍ରକାଶଥାଉକି ନୟାଗଡ଼ ଜିଲାରୁ ୧୧ ଜଣ ଇନ୍ସପେକ୍ଟରଙ୍କର ବଦଳି ହୋଇଛି । ଏଥିରୁ ୭ଜଣ ରିଲିଭ୍ ହୋଇ ସାରିଥିଲେ । ଇଟାମାଟି ଥାନା ଆଇଆଇସି ରିଲିଭ୍ ପରେ ସଂଖ୍ୟା ୮ରେ ପହଞ୍ଚିଛି । ତେବେ ମାତ୍ର ୨ଜଣ ଆଇଆଇସି ନୟାଗଡ଼ ଜିଲାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ।

### ଭାଜପାର ମିଶ୍ରଣ ପର୍ବ

ନୟାଗଡ଼,୧୨।୭(ଲୋକନାଥ ମିଶ୍ର):ନୟାଗଡ଼ ପୁରୁଣା ସହରର ରାଜବାଟିରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଖୁଣ୍ଟୁବନ୍ଧ ପଞ୍ଚାୟତ ଅଶ୍ୱସ୍ତପଡ଼ା ଗାଁର ଜିଲା କଂଗ୍ରେସ ଦଳିତ ସେଲ ସଭାପତି ଭଗବାନ ମଲିକଙ୍କ ସମେତ ୫୦ ଜଣ, କାନକଟାସ୍ଥିତ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ସଂଘର ସଭାପତି ରବି ଜେନା, ଖବରଦାତା ବିରଞ୍ଚି ନାରାୟଣ ବେହେରା ଓ ବିଜୟ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଲୋକ ଭାଜପାରେ ଯୋଗ ଦେଇଛନ୍ତି । ସେହିପରି ବୁଧବାର ଝରାଦେଇ ଠାକୁରାଣୀ ପୀଠରେ ଗମ୍ଭାରିଡିହି ପଞ୍ଚାୟତ ପାଇଁ ଦେଉଳି ବୁଥ୍ ନଂ. ୧୨୦ ଗଠନ କରାଯାଇଛି । ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଓ କମିଟି ଗଠନ ହୋଇଛି ।

### ବ୍ରାଉନସୁଗାର ସହ ସ୍କର୍ପିଓ ଜବତ

ନୟାଗଡ଼,୧୨।୭(ଲୋକନାଥ ମିଶ୍ର):ନୟାଗଡ଼ ସଦର ଅବକାରୀ କର୍ମଚାରୀମାନେ ବୁଧବାର ବ୍ରାଉନସୁଗାର ମହଜୁଦ୍ ଥିବା ଏକ ସ୍କର୍ପିଓ ଜବତ କରିଛନ୍ତି। ଡବ୍ଲୁବି ୩୦ଏଇ ୪୪୩୭ ନଂର ସ୍କର୍ପିଓରେ ୫ରୁ ୬ ଲକ୍ଷ ଟଙ୍କା ଓ ୫୦ ଗ୍ରାମରୁ ଅଧିକ ବ୍ରାଉନସୁଗାର ଥିବା ଜଣାପଡିଛି। ଏହି ଘଟଣାରେ ୫ ଅଟକ ଅଛନ୍ତି । ଗାଡିଟି କେଉଁଠୁ ଆସୁଥିଲା ଜଣାପଡୁନି। ତେବେ ଘଟଣା ସମ୍ପର୍କରେ ଅବକାରୀ କର୍ମଚାରୀମାନେ କିଛି କହୁ ନାହାନ୍ତି ।

### ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା ଟ୍ରକ୍

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ ) ନୟାଗଡ଼ ଜିଲା ନୂଆଗାଁ ଥାନା ସମ୍ପଡା ମେଗା ନର୍ସରୀ ନିକଟରେ ଥିବା ପୋଲ ତଳକୁ ମଙ୍ଗଳବାର ରାତିରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଖସି ପଡିଛି । ମିଳିଥିବା ସୂଚନା ମୁତାବକ ନୟାଗଡ଼ ପଟୁ ଫୁଲବାଣୀ ଅଭିମୁଖେ ଯାଉଥିବା ଆଇଚର ଟ୍ରକ (ନଂ.ଓଡି୦୨ ଏଭି ୬୯୨୧) କୌଣସି କାରଣରୁ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି।

# ଅନଶନକାରୀ ଅସୁସ୍ଥ

## ଓଡ଼ଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଗଲା

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ)/ ଓଡ଼ଗାଁ(ଆଦର୍ଶ କୁମାର ପଟ୍ଟନାୟକ)

ଆବାସ ଯୋଜନା ପାଇଁ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ନୟାଗଡ଼ ଜିଲା ନୁଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ କାର୍ଯ୍ୟାଳୟରେ ୧୫ ଜଣରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଆମରଣ ଅନଶନରେ ବସିଛନ୍ତି। ଅନଶନକାରୀଙ୍କ ମଧ୍ୟରୁ ବୁଧବାର ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ ପ୍ରଥମେ ବାହାଡାଝୋଲା ଡାକ୍ତରଖାନା ଓ ପରେ ତାଙ୍କୁ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

ସୂଚନାଯୋଗ୍ୟ, ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତର କେତେଜଣ ମହିଳା ଓ ପୁରୁଷ ସରକାରଙ୍କ ଆବାସ ଯୋଜନାରେ ଘର ପାଇବା ପାଇଁ ନିଜକୁ ପ୍ରକୃତ ହିତାଧିକାରୀ ବୋଲି ଦାବି କରିଛନ୍ତି । ତଥାପି ସେମାନଙ୍କୁ


ଡାକ୍ତରଖାନାରେ ରଞ୍ଜୁବାଳାଙ୍କ ଚିକିତ୍ସା କରାଯାଉଛି ।

ଘର ମିଳୁନାହିଁ । ଏହାର ପ୍ରତିବାଦରେ ସେମାନେ ଧାରଣାରେ ବସିଛନ୍ତି । ବ୍ଲକ କର୍ମଚାରୀମାନେ ହିତାଧିକାରୀ ଚୟନରେ ପାତରଅନ୍ତର କରିଛନ୍ତି । ଫଳରେ ସେମାନେ ପ୍ରକୃତ ହିତାଧିକାରୀଙ୍କ ନାଁକୁ କାଟି ଦେଇଥିବା ଅଭିଯୋଗ ହୋଇଛି। ତେଣୁ ପୁନର୍ବାର ଠିକ୍ ତଦନ୍ତ କରି ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ଦାବିରେ ପ୍ରଥମେ ଧାରଣା ଓ ପରେ ଆମରଣ ଅନଶନରେ ବସିଛନ୍ତି ମହିଳା ଓ ପୁରୁଷ । ଆମରଣ ଅନଶନରେ ବସିବାର୧୦ ଦିନ ବିତି ଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ସେମାନଙ୍କୁ ନ୍ୟାୟ ଦେବାରେ ନିଷ୍ଠୁର ଆଚରଣ ଦେଖାଉଛି । ଯାହା ଫଳରେ ଅନଶନକାରୀଙ୍କ ମଧ୍ୟରୁ ରଞ୍ଜୁବାଳା ବାରିକ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ବାହାଡାଝୋଲା ଡାକ୍ତରଖାନା ଓ ପରେ ଗୁରୁତର ହେବାରୁ ଓଡଗାଁ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ଏ ନେଇ ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁଙ୍କୁ ଜଣାଇବାରେ ମୁଁ ଘଟଣା ବାବଦରେ ପଚାରି ବୁଝୁଛି ବୋଲି କହିଛନ୍ତି ।

# ନୀଳମାଧବବିଦ୍ୟାପୀଠର ପ୍ରତିଷ୍ଠା ଦିବସ ପାଳିତ

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧିନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୭୩ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରମାନେ ପୂର୍ବାହ୍ନରେ ସ୍କୁଲକୁ ଆସି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଗ୍ରାମ ପରିକ୍ରମା କରି ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରମାନେ ନିଜ ନିଜ ଶ୍ରେଣୀ ଗୃହରେ ବିଭିନ୍ନ ଚିତ୍ର ସହ ସାଜସଜ୍ଜା କରିଥିବା ସଂପର୍କରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଦର୍ଶନ କରି ଉତମ ସାଜସଜ୍ଜା କରିଥିବା ଛାତ୍ର ମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ପରିଚାଳନା କରିଥିଲେ ।

# କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଖଣ୍ଡପଡ଼ା,୧୨।୭(ସ୍ୱ.ପ୍ର)

ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏ ଅବସରରେ ପ୍ରଭୂ ଶ୍ରୀ ଲଡୁକେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସହ ଅନୁଷ୍ଠାନ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦଳବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଦେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

# ମନମୋହିଲା ପୁରୀର ଗୋଟିପୁଅ ନୃତ୍ୟ

ଓଡ଼ଗାଁ,୧୨।୭(ଆଦର୍ଶ କୁମାର ପଟ୍ଟନାୟକ )

**ଜିଲାବ୍ୟାପୀ ସେବା ଉତ୍ସବ**

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଗତ ୧୫ଦିନ ଧରି ଅନୁଷ୍ଠିତ ହେଉଥିବା ଜିଲାବ୍ୟାପୀ ସେବା ଉତ୍ସବ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଡୁଲୁବି, ଶିଖରପୁର, ଶିମିଳି ଓ ହଇରାଣପୁର ଗ୍ରାମରେ ସମିତି ତରଫରୁ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ କରାଯିବା ପରେ ସନ୍ଧ୍ୟାରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭା ଓଡ଼ଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପରିବେଶପ୍ରେମୀ ସୁକାନ୍ତ ଚୌଧୁରୀ, ଆର୍ମି ଭେଟେରାନ ତଥା ବରିଷ୍ଠ ଖବରଦାତା ଆଦର୍ଶ ପଟ୍ଟନାୟକ, ସାମାଜିକ କର୍ମୀ ରଜତ ପଟ୍ଟନାୟକ, ଓ ବ୍ଲକ ଛାପାଗଣମାଧ୍ୟମ ସଂଘ ସଭାପତି ଅଶୋକ ମହାପାତ୍ର, ଖବରଦାତା ସାରସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଖବରଦାତା ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲେ । ସାଧାରଣ ସଭା ପରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାଭାଗିତାରେ ପୁରୀ ରଘୁରାଜପୁର ନୃତ୍ୟଭୂମି ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ସେବା ସମିତି ସଦସ୍ୟ ଅର୍ଜୁନ ସାହୁ,ସୌମ୍ୟସ୍ୱୟଂପ୍ରଭା,ବାପୁନୀ ପ୍ରଧାନ, କୃପାସିନ୍ଧୁ, ଗୁଲସନ କୁମାର ଦାସ, ଗାୟତ୍ରୀ ପ୍ରିୟଦର୍ଶିନୀ ,ରାଜଲକ୍ଷ୍ମୀ ମହାନ୍ତି,ପରମେଶ୍ୱର ସାହୁ, ଲିଙ୍କନ ସାହୁ, ଶ୍ରୀମାନ ଅଭିଜିତ କର , ସ୍ମୃତିଶିଖା ପରିଡ଼ା,ଏସ୍. ଓଁକାର,ମଳୟ ରଞ୍ଜନ ରାୟ, ଯୁଧିଷ୍ଠିର ବେହେରା, କରଣ ବଡ଼ଟିଆ ପ୍ରମୁଖ ସାମିଲ ହୋଇଥିଲେ ।

# ଦାସିଆ ଅଜାଙ୍କ ଜୟନ୍ତୀ ପାଳିତ


ଦାସିଆ ଅଜାଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରାଯାଉଛି ।

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଦାସିଆ ଅଜାଙ୍କ ପାଠାଗାରଠାରେ ବୁଧବାର ଦାସିଆ ଅଜାଙ୍କ ୧୧୬ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଓଡିଶା ପାଠାଗାର ଆନ୍ଦୋଳନର ସ୍ରଷ୍ଟା ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ (ଦାସିଆ ଅଜା) ଙ୍କ ଜୟନ୍ତୀ ଅବସରରେ ପାଠାଗାର ଓ ସଂଗ୍ରାହାଳୟର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକ ସକାଳେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି, ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅପରାହ୍ନରେ ପ୍ରାର୍ଥନା ସଭା , ଭାଗବତ ଓ ଗୀତା ପଠନ କରାଯାଇଥିଲା । ଏହି ଅବସରରେ ଦାସିଆ ଅଜାଙ୍କ ସ୍ତ୍ରୀ ପୌର୍ଣ୍ଣମାସୀ ଦେବୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଥିଲା । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା , ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର , ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାସିଆ ଅଜାଙ୍କ ସାଧନା ପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ମୁଖ୍ୟ ବନ ସଂରକ୍ଷକଙ୍କ ଓଡ଼ଗାଁ ଗସ୍ତ

ଓଡ଼ଗାଁ,୧୨।୭(ଆଦର୍ଶ କୁମାର ପଟ୍ଟନାୟକ ): ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜିତ୍ କୁମାର ନୟାଗଡ଼ ଉପଖଣ୍ଡ ଓଡ଼ଗାଁ ବନାଞ୍ଚଳ ଗସ୍ତରେ ଆସି କୁରାଳ ବିପିଏଫ୍ ଲଣ୍ଡା ପାହାଡ଼ର ପୁନରୁଦ୍ଧାର ପାଇଁ ୨୫ ଏକର ଜାଗାରେ ଚାରା ରୋପଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ଉକ୍ତ ଡିପିଏଫ୍ ଅଞ୍ଚଳରେ ୨୦୨୨ରେ ଲଣ୍ଡା ପାହାଡ଼ର ୧୫ ହେକ୍ଟର ଜାଗାରେ ଚାରା ରୋପଣ ହୋଇଥିଲା । ଏହି ଗସ୍ତ ସମୟରେ ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ, ଏସିଏଫ୍ ଶ୍ୱେତାଲିନା ସାହୁ, ହିମାଂଶୁ ଶେଖର ମୁଦୁଲି, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲିକ ପ୍ରମୁଖ ସାମିଲ ହୋଇଥିଲେ ।

# ନୟାଗଡ଼ ଚିତ୍ର ବଦଳାଇବା ପାଇଁ ପଞ୍ଚାୟତ ଗସ୍ତରେ ବିଧାୟକ ଅରୁଣ


ସମର୍ଥକଙ୍କ ଗହଣରେ ପଞ୍ଚାୟତ ପରିଦର୍ଶନ କରୁଛନ୍ତି ବିଧାୟକ ଅରୁଣ ସାହୁ ।

ନୟାଗଡ଼,୧୨।୭(ଲୋକନାଥ ମିଶ୍ର): ନୟାଗଡ଼ ନିର୍ବାଚନ ମଣ୍ଡଳୀର ଚିତ୍ର ବଦଳାଇବା ପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ବିଭିନ୍ନ ପଞ୍ଚାୟତ ଗସ୍ତରେ ଯାଇ ଲୋକଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି । ଗାଁର ରୂପରେଖ ବଦଳାଇବା ପାଇଁ ନୂତନ ଭାବେ ଯୋଜନା ପ୍ରସ୍ତୁତ କରାଉଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବିଧାୟକ ବୁଧବାର ନୟାଗଡ଼ ବ୍ଲକର ଚଣ୍ଡିବସ୍ତ, ଭାଟସାହି, ମୁଥାଗା ନବଘନପୁର, ଲେଙ୍କୁ ମାଛିପନ ଖୁଣ୍ଟୁବନ୍ଧ, ସିନ୍ଦୁରିଆ, ଇଟାମାଟି, ବାଉଁଶିଆପ ଜହ୍ନିପଦା, ବିରୁ ପଞ୍ଚାୟତକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି । କେଉଁ କାମ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଅପେକ୍ଷା କରିଛି, କଣ ନୂଆ କାମ ଆବଶ୍ୟକତା ରହିଛି ସେ ନେଇ ଆଲୋଚନା କରୁଛନ୍ତି। ଗାଁ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ପିଠା ମଧ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ ଓ ଉନ୍ନତୀକୁ ପ୍ରାଧାନ୍ୟ ଦେଉଥିବା ବେଳେ ୫-ଟି ଦ୍ୱାରା ବହୁ ଉନ୍ନତୀମୂଳକ କାର୍ଯ୍ୟ କରାଯାଉଛି । ନୟାଗଡ଼ ଗାଁ ବିକାଶ ପାଇଁ କରାଯାଇଥିବା ପରିକଳ୍ପନାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ଗସ୍ତରେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ କୁମାର ଅଗ୍ରୱାଲ ପ୍ରମୂଖ ସାମିଲ ଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୂଖ ଉପସ୍ଥିତ ରହିଥିଲେ ।।

# ସେବା ଉତ୍ସବ ସମିତି ପକ୍ଷରୁ ସ୍ୱାସ୍ଥ୍ୟସେବା,ଔଷଧ ବଣ୍ଟନ

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ସେବା ଉତ୍ସବ ସମିତିର ୭ମ ବାର୍ଷିକ ସେବା ଉତ୍ସବ ଅବସରରେ ମଙ୍ଗଳବାର ନୂଆଗାଁ ବ୍ଲକର ମାଳସାହି ପଞ୍ଚାୟତ ଢିପାମାଳ ଗ୍ରାମରେ ସ୍ୱାସ୍ଥ୍ୟ ସେବା ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।

ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପ୍ରତି ବର୍ଷ ଜିଲାର ବିଭିନ୍ନ ଗ୍ରାମରେ ରହିଥିବା ଅସହାୟ ଲୋକଙ୍କୁ ଭେଟି ସେମାନଙ୍କ ଦୁଃଖରେ ସହଭାଗିତା ହେବା ସହ ପ୍ରାଥମିକସ୍ତରରେ ସେବା ଓ ପରେ ସେମାନଙ୍କ ଉନ୍ନତି ପାଇଁ ପ୍ରଚେଷ୍ଟା କରି ଆସୁଛି । ସେବା ଉତ୍ସବ ଅବସରରେ ଚଳିତ ବର୍ଷ ନୂଆଗାଁ ବ୍ଲକରେ ପ୍ରଥମେ ମାଇଛେଳି ପଞ୍ଚାୟତର ସମ୍ପଡା ଓ ଭୂଇଁରଗଡି ଗ୍ରାମରେ ବସ୍ତ୍ର , ଛତା , ଚପଲ ଓ ପିଲାମାନଙ୍କୁ ପୋଷାକ ବଣ୍ଟନ


ସେବା ସମିତିର ସଭ୍ୟମାନେ ଔଷଧ ବଣ୍ଟନ କରୁଛନ୍ତି ।

କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ମାଳିସାହି ପଞ୍ଚାୟତ ଢିପାମାଳ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ସେବା ସହିତ ଲୋକମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଇଛି । ଢିପାମାଳ ସ୍କୁଲ ପରିସରରେ ହୋଇଥିବା ମାଗଣା ସ୍ୱାସ୍ଥ୍ୟ ସେବାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ରୋଗ ଚିହ୍ନଟ କରି ସେମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା । ସ୍ୱାସ୍ଥ୍ୟ ଶିବିର ଶେଷ ହେବା ପରେ ସେବା ଉତ୍ସବ ସମିତିର ସଦସ୍ୟମାନଙ୍କ ଦ୍ୱାରା ମାଣ୍ଡିଆ ଚାଷ ପାଇଁ ଏକ ସଚେତନତା ନାଟକ ମଞ୍ଚସ୍ଥ ହୋଇଥିଲା । ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ନେତୃତ୍ୱରେ ଡାକ୍ତର ଅରବିନ୍ଦ ଦାଶ, ଫାର୍ମାସିଷ୍ଟ ଗଣେଶ୍ୱର ଓଝା , ଆଶାକର୍ମୀ ଚନ୍ଦ୍ରମା ମହାପାତ୍ର , ଗୋଛାବାରୀ ଅଙ୍ଗନାୱାଡି କର୍ମୀ ଜୟନ୍ତୀ ଦେଇ ସହଯୋଗ କରିଥିଲେ । ସେବା ଉତ୍ସବ ସମିତିର ସଦସ୍ୟ ଗୁଲଶନ ଦାସ, ସୌମ୍ୟା ପ୍ରିୟଦର୍ଶିନୀ , ରାଜଲକ୍ଷ୍ମୀ ମହାନ୍ତି, ଗାୟତ୍ରୀ ପ୍ରିୟଦର୍ଶିନୀ, ଲିଙ୍କନ ସାହୁ , ଅଭିଜିତ କର , ସ୍ମୃତିଶିଖା ପରିଡା, ଅମିତ କୁମାର , ଗଣମାଧ୍ୟମ ପ୍ରତିନିଧି ବିଶ୍ୱଜିତ୍ ଖଣ୍ଡୁଆଳଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ରୋଗୀମାନଙ୍କୁ ଔଷଧ ବଣ୍ଟନରେ କରିଥିଲେ ।

# ମହିଳା, ଶିଶୁଙ୍କଠାରେ ରକ୍ତହୀନତା ବଢୁଛି

କେନ୍ଦ୍ରାପଡ଼ା, ୧୨।୭ (ଜଗନ୍ନାଥ ଧଳ)

- ୬୧ ପ୍ରତିଶତ ଶିଶୁ ଆକ୍ରାନ୍ତ ଥିବା ରିପୋର୍ଟ
- ଭିତ୍ତିଭୂମି ଅଭାବକୁ ଦାୟୀକଲେ ବୁଦ୍ଧିଜୀବୀ
- ସଚେତନତା ସୃଷ୍ଟିରେ ସମସ୍ୟାର ସମାଧାନ ହେବ

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍- ୫) କେନ୍ଦ୍ରାପଡ଼ା ଜିଲାର ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନେଇ ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ କରିଛି। ଏନ୍ଏଫ୍ଏଚ୍ଏସ୍- ୪ ତୁଳନାରେ ୬ ବର୍ଷ ମଧ୍ୟରେ ୧୬.୫ ପ୍ରତିଶତ ମହିଳା ରକ୍ତହୀନତା ରୋଗରେ ଅଧିକ ଶିକାର ହୋଇଥିବା ବେଳେ ଶିଶୁଙ୍କ ସଂଖ୍ୟା ୩୨.୮ ପ୍ରତିଶତ ବଢ଼ିଛି। ଏନ୍ଏଫ୍ଏଚ୍ଏସ୍- ୪ ସର୍ଭେରେ ଜିଲାରେ ଶିଶୁଙ୍କ ରକ୍ତହୀନତା ସଂଖ୍ୟାହାର ୨୬.୭ ପ୍ରତିଶତ ଥିବା ବେଳେ ଏନ୍ଏଫ୍ଏଚ୍ଏସ୍- ୫ରେ ଏହାର ସଂଖ୍ୟାହାର ୬୧.୫ ପ୍ରତିଶତ ହୋଇଛି। ସେହିପରି ନ୍ୟାଶନାଲ ହେଲ୍‌ଥ ସିଷ୍ଟମ ରିସୋର୍ସ ସେଣ୍ଟରର ୨୦୨୧ ହେଲ୍‌ଥ ଡୋସିଅର ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ଏବେ ୧୦୦୦ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୮୬୦ ଅଛି। ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ଉଦ୍‌ବେଗ ସ୍ଥିତିରେ ଅଛି। ୬୪.୭ ପ୍ରତିଶତ ମହିଳା ଏଥିପ୍ରତି ବିତସ୍ପୃହତା ଦେଖାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ୯୬.୭ ପ୍ରତିଶତ ମହିଳା ଶିଶୁ ଜନ୍ମ କରୁଥିଲେ ମଧ୍ୟ ୬.୫ ପ୍ରତିଶତ ଶିଶୁଙ୍କୁ ଟିକାକରଣ ହୋଇପାରୁନାହିଁ। ଉପକୂଳ ଅଞ୍ଚଳର କେନ୍ଦ୍ରାପଡ଼ା ଜିଲାରେ ମହିଳା ଓ ଶିଶୁଙ୍କ ଏହି ସ୍ୱାସ୍ଥ୍ୟ ରିପୋର୍ଟ ଉଦ୍‌ବେଗଜନକ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ସାମାଜିକ କର୍ମୀ ବାନାମ୍ବର ସାହୁ, ଜ୍ୟୋତିପ୍ରକାଶ ନାୟକ, ପିନାକୀ ସାମନ୍ତରାୟ ପ୍ରମୁଖ କହିଛନ୍ତି, ଏନ୍ଏଫ୍ଏଚ୍ଏସ୍- ୫ ସର୍ଭେ ରିପୋର୍ଟ ଜିଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚିପାରୁ ନ ଥିବା ଏଠାରେ ଦର୍ଶାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସହ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ଯୋଜନା ହେଉଛି। ଏଥିପାଇଁ ବିଭିନ୍ନ ଯୋଜନାରେ ବହୁ ଅର୍ଥ ବିନିଯୋଗ କରାଯାଉଛି। ଏହାସତ୍ତ୍ୱେ ଜିଲାରେ ରକ୍ତହୀନତାରେ ମହିଳା ଓ ଶିଶୁ ଆକ୍ରାନ୍ତ ହେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଖାଦ୍ୟ ସୁରକ୍ଷାରେ ରାଶନ ସାମଗ୍ରୀ ବ୍ୟତୀତ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରନ୍ଧା ଏବଂ ଶୁଖିଲା ଖାଦ୍ୟ ବିତରଣ, ଆଇରନ ଫୋଲିକ ଏସିଡ୍ ଆଦି ରକ୍ତହୀନତାରୁ ନିସ୍ତାର ପାଇଁ ମହିଳାଙ୍କୁ ଦିଆଯାଉଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦର୍ଶାଉଛି। ବାସ୍ତବ ତଥ୍ୟ ହେଉଛି, ଜିଲାର ୧ ଲକ୍ଷ ଜନସାଧାରଣଙ୍କ ପାଇଁ ମାତ୍ର ୨୧ଟି ମେଡିକାଲ ଶଯ୍ୟା ଅଛି। ସେହିପରି ଡାକ୍ତର ପଦବୀ ପାଇଁ ୨୨୪ଟି ସ୍ଥାନ ସୃଷ୍ଟି ହୋଇଥିଲେ ମଧ୍ୟ ଅଧାରୁ ଅଧିକ ଡାକ୍ତର ପଦବୀ ପୂରଣ ହୋଇନାହିଁ। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଇଦେଉଥିବା ୨୨୬ ସବ୍‌ସେଣ୍ଟର ମଧ୍ୟରୁ କେତେକ ସ୍ଥାନରେ ଏଏନ୍ଏମ୍ ନାହାନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନ ହେଉଥିବା କେବଳ କାଗଜପତ୍ରରେ ସୀମିତ ରହୁଛି। ଜିଲାର ଉପାନ୍ତ ଅଞ୍ଚଳରେ ଥିବା ମହାକାଳପଡ଼ା, ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇରେ ରକ୍ତହୀନତାରେ ଅଧିକ ମହିଳା ଓ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ଏହି ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେବା ଉଚିତ। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକଙ୍କୁ ପଚାରିବାରେ ୬ ବର୍ଷ ମଧ୍ୟରୁ ୨ ବର୍ଷ କରୋନା ସଂକ୍ରମଣ ଭୟ ରହିଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟ ଓ ଅଙ୍ଗନୱାଡି କର୍ମୀମାନେ ପ୍ରତ୍ୟେକ ମହିଳା ଏବଂ ଶିଶୁଙ୍କ ରକ୍ତହୀନତା ରୋଗର ନିରାକରଣ ପାଇଁ ଫୋଲିକ ଏସିଡ୍ ଓ ଅନ୍ୟ ଔଷଧ ବିତରଣ କରିଛନ୍ତି। ସରକାରୀ ଯୋଜନାରେ ମିଳିଥିବା ଔଷଧକୁ ମହିଳାମାନେ ବ୍ୟବହାର କରିଥିଲେ, ଏ ପ୍ରକାର ସ୍ଥିତି ଦେଖାଯାଇ ନ ଥାନ୍ତା। ଏହାବ୍ୟତୀତ ଉପାନ୍ତ ଅଞ୍ଚଳରେ ବହୁ ବଙ୍ଗଭାଷୀ ମହିଳାଙ୍କୁ ଏ ନେଇ ସଚେତନତା ସୃଷ୍ଟି କରିବାରେ ସମୟ ଲାଗୁଛି। ରାଜ୍ୟର ଅନ୍ୟ ଜିଲା ତୁଳନାରେ ଏଠାରେ ସ୍ଥିତି ଭଲ ଅଛି।




# ୨୪୮ ଦିନ ପରେ ୩ ବାଂଲାଦେଶୀ ଫେରିଲେ ସ୍ୱଦେଶ

- ବାତ୍ୟା ସିତରଙ୍ଗ ବେଳେ ଉଦ୍ଧାର ହୋଇଥିଲେ
- ମୁକ୍ତିର ଆନନ୍ଦ ସେମାନଙ୍କୁ ଭାବାବେଗ କରିଥିଲା

ପାରାଦୀପ, ୧୨।୭ (ଶରତ ରାଉତ)


ସ୍ୱଦେଶ ଫେରିଥିବା ୩ ବାଂଲାଦେଶୀ।

ପାରାଦୀପର ଆଶ୍ରୟ କେନ୍ଦ୍ରରେ ୨୦୨୨ ଅକ୍ଟୋବର ୨୮ରୁ ରହୁଥିବା ୩ ବାଂଲାଦେଶୀ ଧୀବର ବୁଧବାର ସ୍ୱଦେଶ ଫେରିଛନ୍ତି। ଯିବାବେଳେ ସେମାନେ ଖୁସିରେ ଆତ୍ମହରା ହେବା ସହ ସ୍ଥାନୀୟ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ। କିଛି ସମୟ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ସ୍ଥାନୀୟ ମେରାଇନ୍ ଥାନାର ଇନ୍ସପେକ୍ଟର ଦେବେନ୍ଦ୍ର ମହାପାତ୍ର ଓ ଅନ୍ୟ ୩ଜଣ ପୋଲିସ ସେମାନଙ୍କୁ ନେଇ ପଶ୍ଚିମବଙ୍ଗ ହରିଦାସପୁର ଚେକ୍ ପୋଷ୍ଟ ଅଫିସରେ ପହଞ୍ଚିଛନ୍ତି। ଗୁରୁବାର ବାଂଲାଦେଶ ହାଇ କମିଶନର ପହଞ୍ଚିବା ପରେ ସରକାରୀ ଭାବେ ପ୍ରତ୍ୟର୍ପଣ ହେବ ବୋଲି ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୨୬ରେ ବାତ୍ୟା ସିତରଙ୍ଗ ହୋଇଥିଲା। ସେହି ବାତ୍ୟାରେ ବାଂଲାଦେଶର ୨ଟି ମାଛଧରା ଡଙ୍ଗା ସମୁଦ୍ରରେ ବୁଡ଼ିଯାଇଥିଲା। ଭାରତୀୟ କୋଷ୍ଟଗାର୍ଡ ସେତେବେଳେ ୨୬ ଜଣଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଯାଞ୍ଚ ପରେ ପ୍ରତିପକ୍ଷ ବାଂଲାଦେଶ କୋଷ୍ଟଗାର୍ଡଙ୍କୁ ଉକ୍ତ ଧୀବରଙ୍କୁ ହସ୍ତାନ୍ତର କରିଥିଲେ। ଏହାବାଦ୍ ସାଗରଦ୍ୱୀପଠାରୁ ୯୦ ନଟିକାଲ ମାଇଲ୍ (୧୬୨କି.ମି.) ଦୂରରେ ବାଲେଶ୍ୱର ଜିଲାର ୨ଟି ମାଛଧରା ବୋଟ୍ ୧୬ ଜଣଙ୍କୁ ଉଦ୍ଧାର କରିଥିଲେ। ଅକ୍ଟୋବର ୨୮ରେ ସେହି ବାଲେଶ୍ୱର ଜିଲାର ରଘୁନାଥ ନାମକ ବୋଟ୍ ଆଉ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉକ୍ତ ବୋଟ୍ କର୍ମଚାରୀ ସେମାନଙ୍କୁ ଆଣି ପାରାଦୀପରେ ମେରାଇନ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ପ୍ରଶାସନ ସେମାନଙ୍କୁ ପୌର ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଇଥିଲା। ସେବେଠାରୁ ସେମାନେ ଆଶ୍ରୟକେନ୍ଦ୍ରରେ ରହୁଥିଲେ। ବାଂଲାଦେଶ ସରକାରଙ୍କ ପକ୍ଷରୁ କ୍ଲିୟରାନ୍ସ ମିଳିବାରେ ବିଳମ୍ବ ହେବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା ବୋଲି ଥାନାଧିକାରୀ ମହାପାତ୍ର କହିଛନ୍ତି। ଏବେ ମୁକ୍ତି ପାଇଥିବାରୁ ୩ ଧୀବର ମହମ୍ମଦ ସିରାଜ, ମହମ୍ମଦ ନାଜି, ହବିସ୍ ମହମ୍ମଦ ଖୁସି ବୋଲି କହିଥିଲେ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

କୁଜଙ୍ଗ, ୧୨।୭ (ମନୋଜ ପ୍ରଧାନ)


ଜ୍ୟୋତିକାନ୍ତ ଦାସ

କୁଜଙ୍ଗ ଥାନା ଅନ୍ତର୍ଗତ ବିଲପୋଖରିଆପଡ଼ା ଗ୍ରାମର ହୃଷୀକେଶ ଦାସଙ୍କ ପୁଅ ଜ୍ୟୋତିକାନ୍ତ (୨୫)ଙ୍କ ମୃତଦେହ ବୁଧବାର ଅପରାହ୍ନରେ ଗାଁ ପୋଖରୀରୁ ଉଦ୍ଧାର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଜ୍ୟୋତିକାନ୍ତ ମଙ୍ଗଳବାର ରାତ୍ରିରେ ଘରେ ଖାଇପିଇ ଶୋଇଥିଲେ। ରାତି ଗୋଟାଏ ବେଳେ ପରିବାର ଲୋକ ଦେଖିଲେ ଯେ ଜ୍ୟୋତିକାନ୍ତଙ୍କ ମୋବାଇଲ, ଚପଲ, ଘରେ ଥିବାବେଳେ ସେ ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ବି ପୁଅର କୌଣସି ସନ୍ଧାନ ପାଇ ନ ଥିଲେ। ପୁଅ ନିଖୋଜ ସମ୍ପର୍କରେ ବାପା ହୃଷୀକେଶ ବୁଧବାର ଅପରାହ୍ନ ୧ଟାବେଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ସମ୍ପର୍କରେ ତନାଘନା କରୁଥିବା ବେଳେ ଅପରାହ୍ନ ୫ ଟାରେ ଗାଁଠାରୁ ୧୦୦ ମିଟର ଦୂରରେ ଥିବା ଗ୍ରାମ୍ୟ ପୋଖରୀରେ ଜ୍ୟୋତିକାନ୍ତଙ୍କ ମୃତଦେହ ଭାସୁଥିବା ଗାଁ ଲୋକ ଦେଖିଥିଲେ। ଏ ସମ୍ପର୍କରେ ପୋଲିସକୁ ଖବର ଦେବାରେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ଗଡନାୟକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୁଜଙ୍ଗ ଡାକ୍ତରଖାନାକୁ ଆଣିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ହତ୍ୟାକାଣ୍ଡ କି ଆତ୍ମହତ୍ୟା ତାହା ସନ୍ଦେହ ସୃଷ୍ଟି କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ବାଲିଘାଟରୁ ବଟି ପାଇଁ ଧମକ, ଟଙ୍କା ଲୁଟ୍ ଅଭିଯୋଗ: ଭାଜପା ନେତା ଗିରଫ

ତିର୍ତ୍ତୋଲ, ୧୨।୭
(ଗୌରାଙ୍ଗ ଚରଣ ସ୍ୱାଇଁ)


ପ୍ରକାଶ ଦଳାଇ

ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଡକ୍ଟର ପ୍ରକାଶ ଦଳାଇଙ୍କୁ ବୁଧବାର ବାଲିଘାଟରୁ ଦାଦାବଟି ଲାଗି ଧମକ ଓ ଟଙ୍କା ଲୁଟ ଅଭିଯୋଗରେ ତିର୍ତ୍ତୋଲ ଥାନା ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଥାନା ଅନ୍ତର୍ଗତ ମହାନଦୀର ନୂଆପଡ଼ାଠାରେ ନିଲାମ ହୋଇଥିବା ବାଲିଘାଟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ୧୦ ତାରିଖରେ ପ୍ରକାଶ ୫ ଲକ୍ଷ ଟଙ୍କା ଦାଦା ବଟି ମାଗିଥିଲେ। ଏଥିସହ ସେହିଦିନ ପୁଣି ପ୍ରକାଶଙ୍କ ସହ ୮ଜଣ ରାତିରେ ବାଲିଘାଟ କାର୍ଯ୍ୟାଳୟକୁ ଯାଇ ବଟି ମାଗିବା ସହ ୮୨ ହଜାର ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏ ସମ୍ପର୍କରେ ୧୧ ତାରିଖରେ ବାଲିଘାଟ କର୍ମଚାରୀ ଜଗତ୍‌ସିଂହପୁର ଥାନା ସମଙ୍ଗ ଗ୍ରାମର ସୁଦର୍ଶନ ମୁଦୁଲି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧୩/୨୩ରେ ମାମଲା ରୁଜୁ ପ୍ରକାଶଙ୍କୁ ବୁଧବାର ଗିରଫ କରିଥିଲା। ଗିରଫ ପରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ଅଦାଲତକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ, ଡ. ଦଳାଇ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଦାୟିତ୍ୱରେ ରହି ଏଠାରେ ରାଜନୀତିରେ ସକ୍ରିୟ ଥିଲେ। ତିର୍ତ୍ତୋଲ ସଂରକ୍ଷିତ ବିଧାନ ସଭା କ୍ଷେତ୍ରରୁ ଆଶାୟୀ ପ୍ରାର୍ଥୀ ଭାବେ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଇ ନିଜକୁ ପରିଚିତ କରାଉ ଥିଲେ।

# ପୋଖରୀରୁ କୁମ୍ଭୀର ଉଦ୍ଧାର



ରାଜନଗର, ୧୨।୭
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁରେ ଜଣଙ୍କ ପୋଖରୀରୁ ଏକ ୪ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର ହୋଇଛି। ମଙ୍ଗଳବାର ରାତିରେ କୁମ୍ଭୀରଟି ରାସ୍ତା ପାର ହୋଇ ପୋଖରୀକୁ ଯିବା ଲୋକେ ଦେଖିଥିଲେ। ବନ ବିଭାଗ ଖବର ପାଇବା ପରେ ବନ କର୍ମଚାରୀମାନେ ବିଳମ୍ବିତ ରାତ୍ରିରେ ପୋଖରୀରୁ କୁମ୍ଭୀରଟିକୁ ଜବତ କରିଥିଲେ। ବୁଧବାର ଉଦ୍ଧାର କୁମ୍ଭୀରକୁ ଭିତରକନିକା ଜାତୀୟ ଉଦ୍ୟାନର ଶୁଆଯୋର କ୍ରିକ୍‌ରେ ଛାଡ଼ି ଦିଆଯାଇଛି।

ସୂଚନା ମୁତାବକ, ଏକ କୁମ୍ଭୀର ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗି କରି ରହିଥିବା ଡାଙ୍ଗମାଳ ଗାଁ ରାସ୍ତା ପାର ହେଉଥିବା ଲୋକ ଦେଖିଥିଲେ। ଏହି କୁମ୍ଭୀରଟି ରାସ୍ତା ପାର ହୋଇ ଗାଁର ଭାଗୀରଥି ବେହେରାଙ୍କ ପୋଖରୀକୁ ଚାଲି ଯାଇଥିଲା। ଏ ନେଇ ବନ ବିଭାଗକୁ ଗାଁ ଲୋକ ଖବର ଦେଇଥିଲେ। କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଯଶୋବନ୍ତ ବେହେରା, ବନମାଳୀ ଦଳାଇ, ତନୁଜ ବେହେରା, ଦୁଃଶାସନ ଦଳାଇ, କାଳନ୍ଦୀ ଦାସ, ଚନ୍ଦ୍ରମଣି ପରିଡା, ଦୀପକ ସ୍ୱାଇଁ ପ୍ରମୁଖ ଭାଗୀରଥିଙ୍କ ପୋଖରୀ ନିକଟରେ ପହଞ୍ଚି ଜାଲ ମାଧ୍ୟମରେ କୁମ୍ଭୀରକୁ ଉଦ୍ଧାର କରିଥିଲେ। କୁମ୍ଭୀରଟିର ଲମ୍ବ ୪ ଫୁଟ ହୋଇଥିବା ବେଳେ ଏହା ଅଣ୍ଡିରା ବୋଲି ଜଣାପଡ଼ିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବାପି


@ ଜସ୍ମିନ୍


@ ମନୋରଞ୍ଜନ


@ ପୂଜା


@ ସୁଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀ ଯାଇ ନିଖୋଜ ଯୁବକ କାର୍ତ୍ତିକଙ୍କୁ ହତ୍ୟା

ବିଞ୍ଝାରପୁର, ୧୨।୭ (ରାମକୃଷ୍ଣ ଦାସ):

**୨ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରୁଛି ପୋଲିସ**

ବିଞ୍ଝାରପୁର ଥାନା କଲ୍ୟାଣପୁର ପଞ୍ଚାୟତ ବୈରୀବାଗ ଗ୍ରାମର ଅଶୋକ ରଣାଙ୍କ ପୁଅ କାର୍ତ୍ତିକ(୨୧)ଙ୍କ ନିଖୋଜ ଘଟଣା ଏବେ ନୂଆ ମୋଡ଼ ନେଇଛି। କାର୍ତ୍ତିକଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ପ୍ରକାର ସ୍ପଷ୍ଟ ହେଉଛି। ପୋଲିସ ୨ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରୁଥିବା ଜଣାପଡିଛି।

ଖବର ଅନୁଯାୟୀ, ଗତମାସ ୧୫ ତାରିଖ ରାତିରେ କାର୍ତ୍ତିକ ସାଙ୍ଗମାନଙ୍କ ସହ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଛନ୍ତି ବୋଲି କହି ଘରୁ ବାହାରିଯାଇଥିଲେ। ଏହାପରେ କାର୍ତ୍ତିକଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଜୁନ ୨୧ରେ ବିଞ୍ଝାରପୁର ଥାନାରେ କାର୍ତ୍ତିକଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହା ମଧ୍ୟରେ ପ୍ରାୟ ୨୮ ଦିନ ବିତିଯାଇଥିବା ବେଳେ ମଙ୍ଗଳବାର ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ବିଞ୍ଝାରପୁର ଥାନା ପୋଲିସର ଏକ ଟିମ୍ କାର୍ତ୍ତିକଙ୍କ ପଡ଼ୋଶୀ ଭିକି ବେହେରା ଓ କାର୍ତ୍ତିକଙ୍କ ସାଙ୍ଗ ଚନ୍ଦନ ସାହୁଙ୍କୁ ହଠାତ ଘରୁ ଉଠାଇ ନେଇଥିଲା। ଭିକି ଓ ଚନ୍ଦନଙ୍କୁ ପୋଲିସ ମାରାଥନ ଜେରା କରିବା ପରେ କାର୍ତ୍ତିକଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ପଷ୍ଟ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାର୍ତ୍ତିକଙ୍କ ମୃତଦେହ ଜବତ କରି ନ ଥିଲା।

# ୩ ଦିନରେ ସମାଧାନ ହେବ ପାନୀୟ ଜଳ ସମସ୍ୟା

ଧର୍ମଶାଳା, ୧୨।୭ (ବଟକୃଷ୍ଣ ପରିଡ଼ା):

**ଧର୍ମଶାଳା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ**



ଧର୍ମଶାଳା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟମାନେ।

ଧର୍ମଶାଳା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ବୁଧବାର କଳ୍ପତରୁ ଦାସ ଷ୍ଟାଡିୟମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ। ବୈଠକରେ ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବିଧାୟକ ପ୍ରଣବ ବଳବନ୍ତରାୟ ଉପସ୍ଥିତ ଥିଲେ। ଆବାସ ଯୋଜନା, ମୋ ଘର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ରାଜ୍ୟ ଓ କେନ୍ଦ୍ର ଅର୍ଥ କମିଶନ କାର୍ଯ୍ୟର ଅଗ୍ରଗତି, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, କୃଷି ଓ ବିଦ୍ୟୁତ୍ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ପାଇଁ ୩ ଦିନ ସମୟ ରଖାଯାଇଛି। ଅଭିଯୋଗକାରୀ ପଞ୍ଜୀକରଣ ପୁସ୍ତିକାରେ ଅଭିଯୋଗ କରିବାର ୩ ଦିନ ଭିତରେ ସମାଧାନ ହେବ ବୋଲି କୁହାଯାଇଛି। ଭତ୍ତା ପାଇବାକୁ ଯୋଗ୍ୟ ଲୋକଙ୍କୁ ଚିହ୍ନଟ କରି ଆବେଦନ ପାଇଁ ପରାମର୍ଶ ଦେବାକୁ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ବିଧାୟକ ଆହ୍ୱାନ କରିଛନ୍ତି।

ବୈଠକରେ ଜାରକା ସରପଞ୍ଚ ସୁଦାମ ବେହେରା, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର, କୋତପୁର ସରପଞ୍ଚ ସୁନାକର ବେହେରା ଓ ଚକ୍ରଧରପୁରର ସରୋଜିନୀ ନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ନିଜ ପଞ୍ଚାୟତର ଷ୍ଟ୍ରିଟ୍‌ଲାଇଟ ନ ଜଳିବା, ଭତ୍ତା ଯୋଜନାରେ ଅନିୟମିତତା, ହରିଶ ଚନ୍ଦ୍ର ଯୋଜନାରେ ଅର୍ଥ ନ ମିଳିବା, ରାଶନ କାର୍ଡରେ ଉପଯୁକ୍ତ ହିତାଧିକାରୀଙ୍କୁ ସାମିଲ ନ କରାଯିବା ଓ ଜଳ ଯୋଗାଣ ଫେଲ ମାରିବା ଆଦି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଉଳି ଭବନକୁ କୌଣସି ବ୍ୟକ୍ତିଙ୍କୁ ନିଲାମ ନ ଦିଆଯାଇ ମିଶନ ଶକ୍ତି ବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରସ୍ତାବ ଦେଇଥିବାବେଳେ ପଞ୍ଚାୟତ ସମିତି ନିଜ ଅଧୀନରେ ରଖୁ ବୋଲି ସଭ୍ୟ ଜଳଧର ମହାନ୍ତି ପ୍ରସ୍ତାବ ଦେଇଥିଲେ। ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଦିପ୍ରେସ କୁମାର, ବ୍ଲକ ଯୋଗାଣ ଅଧିକାରୀ ମାନସ ସିଆ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଦୀପକ ଜେନା, ରୁଦ୍ରନାରାୟଣ ସେଠୀ ଓ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ ପ୍ରମୁଖ ବୈଠକରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏବିଡିଓ ଅଶିତ ପାତ୍ର ଧନ୍ୟବାଦ ଦେଇଥିଲେ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭାପୁର,୧୨।୭(ଭରତ କୁମାର ବେହେରା): ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ବିଳମ୍ବିତ ରାତିରେ ଏକ ଚୋରି ଘଟଣା ଘଟିଛି। ଜଗନ୍ନାଥପ୍ରସାଦ ଗ୍ରାମର ବସନ୍ତ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସାନଭାଇ ସୁଶାନ୍ତ କୁମାର ସାହୁ କେରଳରେ ଶ୍ରମିକ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ସେ ଏବେ ମଧ କେରଳରେ ଅଛନ୍ତି। ସୁଶାନ୍ତଙ୍କ ପରିବାର ଲୋକେ ମହୁଲିଆ ଗ୍ରାମର ନିଜର ବନ୍ଧୁ ଘରକୁ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ଦଶାହ କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଅସହ୍ୟ ଗୁଲୁଗୁଲି ହେଉଥିବାରୁ କବାଟ ନ ଦେଇ ଶୋଇପଡିଥିଲେ। ଏହାର ସୁଯୋଗ ନେଇ କେହି ତାଙ୍କ ଘରେ ପଶି ନଗଦ ଟଙ୍କା, ସୁନା ଚେନ, ହାର,ପେଣ୍ଡିଫୁଲ, ଅଣ୍ଟା ସୂତା,ମୁଦି ଓ ରୁପା ପାଉଁଜି ନେଇଯାଇଥିଲେ। ସୁଶାନ୍ତଙ୍କ ସ୍ତ୍ରୀ ସୁପ୍ରଭା ସାହୁ ଉଠି ଦେଖିଥିଲେ ଘରର ଆବାସପତ୍ର ଏଣେତେଣେ ପଡ଼ିରହିଛି। ଏ ନେଇ ସୁଶାନ୍ତଙ୍କ ବଡ଼ଭାଇ ବସନ୍ତ କୁମାର ସାହୁ ଜଗନ୍ନାଥପ୍ରସାଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ପଲେଇ ଓ ଫତେଗଡ ପୋଲିସ ପହଞ୍ଚି ତଦନ୍ତ ଚାଲୁ ରଖିଥିବା ସୂଚନା ଦେଇଛନ୍ତି।

# ରୋଜଗାରିଆ ପୁଅ ଅଜଣା ରୋଗରେ ପୀଡ଼ିତ

### ଅଭାବ ଅନାଟନରେ ଚଳୁଛି ପରିବାର

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ)

ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଘରର ଏକ ମାତ୍ର ପୁଅର ରୋଜଗାରରେ ଚଳୁଥିଲା ପରିବାର । ହେଲେ ସେହି ରୋଜଗାରିଆ ପୁଅ ଆଜି ଅଜଣା ରୋଗରେ ପୀଡ଼ିତ ହୋଇ ଛଟପଟ ହେଉଛନ୍ତି। ରୋଜଗାର ବିନା ଅଭାବ ଅନାଟନ ଭିତରେ ପରିବାରର ୪ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଗୁଡୁପାଙ୍ଗି ଗ୍ରାମରେ ।

ଗୁଡୁପାଙ୍ଗି ଗ୍ରାମର ହଜାରୀ ନାୟକଙ୍କ ପରିବାର କହିଲେ ସ୍ତ୍ରୀ, ପୁଅ ବୋହୂ ଓ ୩ ବର୍ଷର ନାତି । ପୁଅ ଗୋଦାବରୀ(୩୦)କୁ ବାହାଘର କରିବାର ୧ ବର୍ଷ ପରେ ହଜାରୀ ଆରପାରିକୁ ଚାଲି ଯାଇଥିଲେ। ବାପାଙ୍କ ମୃତ୍ୟୁ ପରେ ଗୋଦାବରୀ କେରଳରେ ଶ୍ରମିକ ଭାବେ କାମ କରି ପରିବାର ଚଳାଉଥିଲେ । ପରିବାର ହସଖୁସିରେ ଚଳିବା ସହ ଗୋଦାବରୀ ଗୋଟିଏ ପୁଅର ବାପା ହୋଇଥିଲେ । ଏହି ଖୁସି ବେଶୀଦିନ ରହିଲା ନାହିଁ । ।


ମା' ଇନ୍ଦୁଙ୍କ ସହ ଗୋଦାବରୀ।

କେରଳରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗୋଦାବରୀ ଅସୁସ୍ଥ ଅନୁଭବ କଲେ। ଧୀରେ ଧୀରେ ଶରୀରର ସବୁ ଅଙ୍ଗ ଶୁଖିବାକୁ ଲାଗିଲା । କାମ ନ କରି ପାରି ଘରକୁ ଫେରି ଆସିଥିଲେ ଗୋଦାବରୀ। ଏପରି ରୋଗର ଚିକିତ୍ସା ପାଇଁ ପ୍ରଥମେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ନିଆଯାଇଥିଲା । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଔଷଧ ସେବନ କଲେ। ହେଲେ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ହେବାରୁ ପରେ ଭୁବନେଶ୍ୱର , କଟକ ଆଦି ବଡ଼ ମେଡିକାଲକୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ । କିନ୍ତୁ ଡାକ୍ତରମାନେ ରୋଗକୁ ଚିହ୍ନଟ କରି ପାରିଲେ ନାହିଁ । ଜମିବାଡ଼ି ବିକ୍ରୀ କରି ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ହେଲେ ରୋଗ ଚିହ୍ନଟ ହୋଇ ପାରିଲାନି । ଶେଷରେ ନିରାଶ ହୋଇ ଭଗବାନଙ୍କ ଭରସାରେ ଘରେ ପଡି ରହିଛନ୍ତି ଗୋଦାବରୀ । ଶେଜରୁ ଉଠିବାକୁ ଅକ୍ଷମ ଗୋଦାବରୀଙ୍କୁ ଟେକି କି ନେବା ଆଣିବା କରିବାକୁ ପଡୁଛି। ଘର ଚଳିବା ପାଇଁ ପାଖରେ ଟଙ୍କାଟିଏ ନାହିଁ। ସରକାରୀ ସହାୟତା କହିଲେ କେବଳ ଗୋଦାବରୀଙ୍କ ଭିନ୍ନକ୍ଷମ ଭତ୍ତା ବାବଦରେ ୭୦୦ ଟଙ୍କା ମିଳୁଛି । ସେହି ଟଙ୍କାରେ ଚାଉଳ, ରାଶନ ସାମଗ୍ରୀ, ବିଦ୍ୟୁତ୍ ବିଲ୍ ପୈଠ ସହିତ ୩ ବର୍ଷ ପୁଅ, ବୁଢୀ ମାଆ ଓ ସ୍ତ୍ରୀର ସମସ୍ତ ଖର୍ଚ୍ଚ ତୁଲାଇବାକୁ ପଡୁଛି । ଏଭଳି ପରିସ୍ଥିତିରେ ପରିବାର ଚଳାଇବା ବହୁତ କଷ୍ଟ ହେଉଛି ବୋଲି କହିଛନ୍ତି ଗୋଦାବରୀଙ୍କ ସ୍ତ୍ରୀ ବୀଣାପାଣି । ଆମ ପରିବାର ପାଇଁ ସରକାରଙ୍କ ଖାଦ୍ୟ ଯୋଜନାରେ ଅନ୍ତୋଦୟ କାର୍ଡଟିଏ କରିଦେଲେ ଆମେ ମୁଠାଏ ଖାଇବାକୁ ପାଆନ୍ତୁ ବୋଲି କହିଛନ୍ତି ଗୋଦାବରୀଙ୍କ ମାଆ ଇନ୍ଦୁ ନାୟକ । ଏପରି ପରିସ୍ଥିତିରେ ସରକାରୀ କିମ୍ବା ବେସରକାରୀସ୍ତରରେ ଗୋଦାବରୀଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ଘରପୋଡ଼ି ବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ


ବିଧାୟକ ପୀଡିତଙ୍କୁ ସରକାରୀ ସହାୟତା ପ୍ରଦାନ କରୁଛନ୍ତି।

ନୂଆଗାଁ,୧୨।୭(ଧନେଶ୍ୱର ସାହୁ )

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଭାଲିଆପଦର ଗ୍ରାମରେ ଗତ ଡିସେମ୍ବର ମାସରେ ନିଆଁ ଲାଗି ୫ ବଖରା ପୋଡି ଯାଇଥିଲା । ବୁଧବାର ଘରପୋଡ଼ି ବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ସୂଚନା ମୁତାବକ, ୨୦୨୨ ଡିସେମ୍ବର ୨୬ରେ ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଭାଲିଆପଦର ଗ୍ରାମରେ ନିଆଁ ଲାଗି ୫ ପରିବାରର ଘର ପୋଡିଯିବା ସହ ଘରେ ଥିବା ଆସବାବପତ୍ର , ଧାନ ଚାଉଳ ଆଦି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ସେହି ସମୟରେ ନୂଆଗାଁ ରାଜସ୍ୱ ବିଭାଗ ପକ୍ଷରୁ ସେମାନଙ୍କୁ ପଲିଥିନ ଯୋଗାଇ ଦିଆ ଯାଇଥିଲା ଏବଂ କ୍ଷୟକ୍ଷତିର ଆକଳନ କରି ସରକାରଙ୍କୁ ଅବଗତ କରାଯାଇଥିଲା। ତେଣୁ ସରକାରଙ୍କ ହାଉସ୍ ବିଲଡିଂ ଆସିଷ୍ଟାନ୍ସ ଫଣ୍ଡରୁ ଘରପୋଡ଼ି ବିପନ୍ନଙ୍କୁ ଘର ନିର୍ମାଣ କରିବା ପାଇଁ ୧ ଲକ୍ଷ ୨୦ ହଜାର . ବାସନକୁସନ କିଣିବା ପାଇଁ ୨ ହଜାର ୫୦୦ , ଲୁଗାପଟା କିଣିବା ପାଇଁ ୨ ହଜାର ୫୦୦ ଟଙ୍କା ଏପରି ମୋଟ ୧ଲକ୍ଷ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ନୂଆଗାଁ ରାଜସ୍ୱ ନିରୀକ୍ଷକ ସ୍ୱପ୍ନାରାଣୀ ସ୍ୱାଇଁ , ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଭାଲିଆପଦର ଗ୍ରାମର ଡମ୍ବରୁ ମଳିକ , ଦୋଳଗୋବିନ୍ଦ ମଳିକ . ରମେଶ ମଳିକ , ସନ୍ତୋଷ ମଳିକ ଓ ଯୋଗେନ୍ଦ୍ର ମଳିକଙ୍କୁ ସରକାରୀ ସହାୟତାକୁ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି ।

## ଶିବଶକ୍ତି ପୂଜକ ବିକାଶ ମଞ୍ଚର ବିକ୍ଷୋଭ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନୟାଗଡ଼,୧୨।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିବ ଶକ୍ତି ପୂଜକ ବିକାଶ ମଞ୍ଚ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରି ସେମାନଙ୍କ ୧୨ ଦଫା ଦାବି ପୂରଣ କରିବାକୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି । ଏହି ଅବସରରେ ନୟାଗଡ଼ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରା ଯିବା ସମୟରେ ବିଭିନ୍ନ ସ୍ଲୋଗାନ୍ ଦିଆଯାଇଥିଲା। ସେବାୟତମାନଙ୍କର ଅଭିଯୋଗ ଅନୁସାରେ ମୋ ଘର ଯୋଜନା ଭଳି ସେବାୟତଙ୍କ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା କରି ସାମିଲ କରାନ୍ତୁ । ବର୍ଷ ବର୍ଷ ଧରି ଠାକୁରଙ୍କ ଜମିରେ ବସବାସ କରୁଥିବା



ଶିବ ଶକ୍ତି ବିକାଶ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଜମିଗୁଡିକ ସେବାୟତଙ୍କ ନାଁରେ ରେକର୍ଡ ଭୁକ୍ତ କରାଯାଉ । ମାଳି ଓ ପୂଜାରୀମାନଙ୍କର ସାମାଜିକ, ଆର୍ଥିକ, ଶୈକ୍ଷିକ ଅବସ୍ଥା ଉପରେ ସର୍ଭେ ଓ ଯୋଜନା କରି ସାମିଲ କରାଯାଉ । ସେହିଭଳି ଦେବୋତ୍ତର ସମ୍ପତ୍ତି ଓ ସେବାୟତଙ୍କୁ ସୁରକ୍ଷା, ରାଜ୍ୟସ୍ତରରେ ସେବାୟତ କଲ୍ୟାଣ ନିଧି ପ୍ରତିଷ୍ଠା କରିବା, ପ୍ରାଚୀନ ଶିବ ମନ୍ଦିର ଉପରେ ସର୍ଭେ କରି ସେଗୁଡିକ ଚିହ୍ନଟ କରି ପୁନରୁଦ୍ଧାର କରାଇବା, ରାଜ୍ୟର ମନ୍ଦିରଗୁଡ଼ିକୁ ଆୟ ଅନୁସାରେ ଶ୍ରେଣୀ ଭୁକ୍ତ କର ସ୍ୱତନ୍ତ୍ର ଦୃଷ୍ଟି ଦେବା, ମନ୍ଦିର ସୁପରିଚାଳନା ନିମନ୍ତେ ଦେବୋତ୍ତର ଆଇନ ଧାରା ୨୭(୧)ର ସଂଶୋଧନ କରି ସେବାୟତଙ୍କୁ ଟ୍ରଷ୍ଟ ବୋର୍ଡରେ ମେମ୍ବର ରଖିବା ଆଦି ୧୨ ଦଫା ଦାବି ପୂରଣ କରିବାକୁ ଅନୁରୋଧ କରାଯାଇଛି । ଜିଲା ସଭାପତି ଗୌରାଙ୍ଗ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ରତ୍ନ, ତ୍ରିନାଥ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, କବିରାଜ ମହାପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଗ୍ରେଡ୍ ପେ ଏକା, ଦରମା ଅଲଗାକୁ ନେଇ ବିକ୍ଷୋଭ

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ୬୬୨ ବର୍ଗର କଲେଜ କର୍ମଚାରୀ
- ରାଜ୍ୟର ଆନ୍ଦୋଳନ ୧୫୦ ଦିନରେ ବି ଅଭିଯୋଗକୁ ଶୁଣୁ ନାହାନ୍ତି ସରକାର

ନୟାଗଡ଼,୧୨।୭(ଲୋକନାଥ ମିଶ୍ର)


୬୬୨ ବର୍ଗ କଲେଜ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଗ୍ରେଡ ପେ ଏକା, ଦରମା ଅଲଗାକୁ ନେଇ ବୁଧବାର ବିକ୍ଷୋଭ ହୋଇଛି । ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରି ୬୬୨ ବର୍ଗର କଲେଜ କର୍ମଚାରୀ ପ୍ରତିବାଦ କରିଛନ୍ତି । ୬୬୨ ବର୍ଗର କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଅଭିଯୋଗ ହକ୍ ପୂରଣ ପାଇଁ ରାଜ୍ୟରେ ଆନ୍ଦୋଳନ ୧୫୦ ଦିନରେ ବି ପହଞ୍ଚିଥିଲେ। ସରକାର ଅଣଦେଖା କରିଚାଲିଛନ୍ତି । ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ ୬୬୨ ବର୍ଗ ଓ ୪୮୮ ବର୍ଗ ର କଲେଜ କର୍ମଚାରୀ ଓ ଅଧ୍ୟାପକଙ୍କର ଗ୍ରେଡ ପେ ସମାନ । କିନ୍ତୁ ୪୮୮ ବର୍ଗର ଯୁକ୍ତ ୨ ଓ ୩ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ୩ଟି ଇନକ୍ରିମେଣ୍ଟ ଅଧିକ ଦେଇ ସରକାର ବରିଷ୍ଠ କରିବାରୁ ଦରମାରେ ଅସଙ୍ଗତ ସୃଷ୍ଟି ହୋଇଛି । ଏଥିପାଇଁ ଆନ୍ଦୋଳନ ବାରମ୍ବାର ଚାଲିଛି । ୬୬୨ ବର୍ଗର କଲେଜକୁ ଅନୁଦାନ ଦେବା ପାଇଁ ସରକାର ୨୦୦୮ରେ ଜିଓ(ସରକାରୀ ନିର୍ଦ୍ଦେଶନାମା) ପ୍ରକାଶ କଲେ । ସେହିପରି ୪୮୮ ବର୍ଗର କଲେଜ ପାଇଁ ୨୦୦୯ରେ ଅନୁରୂପ ଜିଓ ପ୍ରକାଶ ପାଇଲା । ତେବେ ୬୬୨ ବର୍ଗର କଲେଜ ପାଇଁ ଆଗୁଆ ଅନୁଦାନ ନୀତି ପ୍ରକାଶ ପାଇଥିଲେହେଁ ସେମାନଙ୍କୁ ପଛଆ କରି ୪୮୮ ବର୍ଗର କଲେଜକୁ ଗୁରୁତ୍ୱ ଦେବା ସରକାରଙ୍କର ପାତରଅନ୍ତର ନୀତି ପଦାରେ ପଡିଛି । ଏଣୁ ୪୮୮ ବର୍ଗର କଲେଜ କର୍ମଚାରୀ ଓ ଅଧ୍ୟପକଙ୍କ ଠାରୁ ୩ଟି ଇନ୍‌କ୍ରିମେଣ୍ଟ ପ୍ରତ୍ୟାହାର କରାଯାଉ ଅଥବା ୬୬୨ ବର୍ଗର କଲେଜ କର୍ମଚାରୀ ଓ ଅଧ୍ୟାପକଙ୍କୁ ୩ଟି ଅଧିକ ଇନ୍‌କ୍ରିମେଣ୍ଟ ଦେଇ ସମାନସ୍ତରକୁ ଅଣାଯାଉ । ବୋଲି ଦାବି ରହିଛି । ସେହିଭଳି ସରକାରୀ କର୍ମଚାରୀଙ୍କ ଭଳି ଅବସରୀକାଳୀନ ସୁବିଧା ଓ ପେନଶନ ବ୍ୟବସ୍ଥା, ୨୦୧୮ ଜିଓରେ ଦରମା ପାଉଥିବା କର୍ମଚାରୀ ଓ ଅଧ୍ୟାପକଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ, ବିଭିନ୍ନ ଅସଙ୍ଗତି ଆଳରେ ବାଦ ପଡିଥିବା କର୍ମଚାରୀ ଓ ଅଧ୍ୟାପକଙ୍କୁ ଅନୁଦାନ ଯୋଗାଇବା ଭଳି ଦାବି ରହିଛି । ଏହାକୁ ଭିତ୍ତି କରି ୨୦୦୨୩ ଫେବୃଆରୀ ୧୩ ତାରିଖରୁ ଆନ୍ଦୋଳନ ୧୫୦ ଦିନରେ ପହଞ୍ଚିଛି । ହେଲେ ୬୬୨ ବଗର କଲେଜ କର୍ମଚାରୀ ସୁଫଳ ପାଇ ନାହାନ୍ତି ବୋଲି ଅଭିଯୋଗ ରହିଛି ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଖଣ୍ଡପଡ଼ା,୧୨।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଭାପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ସୌମ୍ୟ ବିହାର ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ସଡକ ଦୁର୍ଘଟଣାରେ ଶାଳଝରିଆ ଗ୍ରାମର ନୀଳକଣ୍ଠ ବେହେରାଙ୍କ ଏକ ମାତ୍ର ପୁଅ ସୋନୁ ନିଗମ ବେହେରା(୨୨)ଙ୍କ ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ, ଖୋର୍ଦ୍ଧାସ୍ଥିତ ରିର୍ଜଭ ପୋଲିସ ଫୋର୍ସରେ ଚାକିରୀ କରିଥିବା ସୋନୁ ମଙ୍ଗଳବାର ସନ୍ଧ୍ୟାରେ ଗାଁକୁ ଆସିଥିଲେ। ରାତି ପ୍ରାୟ ୧୧ଟାରେ ଘରେ ଖାଇସାରି ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ସୌମ୍ୟ ବିହାର ନିକଟରେ ରାସ୍ତା ଉପରେ ବୁଲୁଥିବା ଏକ କୁକୁରକୁ ବାଇକଟି ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବାପି


@ ଜସ୍ମିନ୍


@ ମନୋରଞ୍ଜନ


@ ପୂଜା


@ ସୁଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦାସିଆ ଅଜାଙ୍କୁ ଝୁରୁଛି ନୟାଗଡ଼

ନୟାଗଡ଼,୧୨।୭ (ଲୋକନାଥ ମିଶ୍ର)

ଦଶ ପଇସାର ରାଜା ଦାସିଆ ଅଜାଙ୍କ ୧୧୬ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ପୂଜ୍ୟପୂଜା କମିଟି ନୟାଗଡ଼ ତରଫରୁ ସ୍ଥାନୀୟ କଚେରୀ ବଜାର ସ୍ଥିତ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୂଜ୍ୟପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ହୋଇ ଦାଶରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଦାସିଆ ଅଜା ପୁଣି ଥରେ ନୟାଗଡ଼ ଜିଲାରେ ଜନ୍ମ ନେବା ଉଚିତ। ପାଠାଗାର ଆନ୍ଦୋଳନ ଯୋଗୁ ଦାସିଆ ଅଜାଙ୍କୁ ନୟାଗଡ଼ ପରି ରାଜ୍ୟ ଝୁରୁଛି। ପୂଜ୍ୟପୂଜା କମିଟିର ସମ୍ପାଦକ ସାମାଜି କର୍ମୀ ଅରୁଣ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ନୟାଗଡ଼ ପୌରପରିଷଦର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସାମାଜିକ କର୍ମୀ ଶ୍ରୀକାନ୍ତ ଖଟେଇ, କାଉନସିଲର ଜାନକୀବଲ୍ଲଭ ଜେନା, ବରିଷ୍ଠ ଖବରଦାତା ରାମକୃଷ୍ଣ ରଥ, ରୋଟାରୀ କ୍ଲବ ସଭାପତି ଅବଦୁଲ ଆରିଫ ଖାଁନ, ଶ୍ରୀଧର ସାହୁ, ଅବିନାଶ ସାହୁ, ସନ୍ତୋଷ କୁମାର ନାୟକ ଆଦି ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।



## ସ୍ୱଚ୍ଛ ଭାରତ ପାଇଖାନା ପାଲଟିଛି ବାସଗୃହ

ନୂଆଗାଁ,୧୨।୭ (ଧନେଶ୍ୱର ସାହୁ)

- ତଦନ୍ତରେ ପାତର ଅନ୍ତର ଅଭିଯୋଗ
- ଆବାସ ଯୋଜନାରୁ ବାଦ୍ ପଡିଛନ୍ତି ଯୋଗ୍ୟ ହିତାଧିକାରୀ
- ଅଭିଯୋଗ ପରେ ବ ହେଉନି କାର୍ଯ୍ୟାନୁଷ୍ଠାନ

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ ପାଇଁ ହୋଇଥିବା ତଦନ୍ତରେ ପାତର ଅନ୍ତର କରାଯାଇଛି । ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ୍ ପଡିଛନ୍ତି। ଏପରି ଅଭିଯୋଗ ନୂଆଗାଁ ବ୍ଲକର ପ୍ରତି ପଞ୍ଚାୟତରୁ ଆସୁଛି । ମାଳିସାହି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ବାସଗୃହ ନ ଥିବା ଯୋଗୁ ସେ ସ୍ୱଚ୍ଛ ଭାରତ ଗ୍ରାମୀଣ ପାଇଖାନାରେ ରହୁଥିଲେ ମଧ୍ୟ ତାଙ୍କୁ ଆବାସ ଯୋଜନାରୁ ବାଦ୍ ଦିଆ ଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଦେଉଳି ଗ୍ରାମର ମଧୁ ନାୟକ ୩ ଭାଇ । ବାପାଙ୍କ ଦେହାନ୍ତ ପରେ ୩ ଭାଇ ବାପ ସମ୍ପତ୍ତିକୁ ଭାଗବଣ୍ଟା କରିବା ପରେ ୩ ପରିବାର ନିଜ ଜାଗାରେ ଅଲଗା ରହୁଛନ୍ତି । ଦୁଇ ଭାଇ ନିଜ ରୋଜଗାରରେ ପକ୍କା ଘର କରିଛନ୍ତି । ମଝିଆ ଭାଇ ମଧୁ ନାୟକ କୃଷକ ଭାବେ ନିଜ ସ୍ୱଳ୍ପ ରୋଜଗାରରେ ୩ ଝିଅ ଓ ଗୋଟିଏ ପୁଅକୁ ପାଠ ପଢାଇବା ସହ ଝିଅମାନଙ୍କ ବାହାଘର କରାଇବାରେ ଖର୍ଚ୍ଚ କରିଛନ୍ତି । ସେଥିପାଇଁ ସେ ପକ୍କା ଘର ଖଣ୍ଡିଏ ନିର୍ମାଣ କରି ପାରି ନାହାନ୍ତି। ନିଜ ଭାଗରେ ପଡିଥିବା ଜାଗାରେ ଚାଳ କୁଡିଆ କରି ରହୁଥିଲେ । ହେଲେ ସେହି କୁଡିଆକୁ ମରାମତି ନ କରି ପାରିବାରୁ ତାହା ବର୍ଷା ପବନରେ ଭାଙ୍ଗି ଯାଇଛି । ତେଣୁ ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ୧୨ ହଜାର ଟଙ୍କାରେ ବାଡି ପଟେ ନିର୍ମାଣ କରିଥିବା ଗ୍ରାମୀଣ ପାଇଖାନା ଘରେ ସ୍ତ୍ରୀ ହୁଲାସ ନାୟକଙ୍କ ସହ ସେ ଦିନ କାଟୁଛନ୍ତି । ପାଇଖାନା ଘର ବାହାରେ ଚୁଲି ପକାଇ ରୋଷେଇ କରୁଥିବା ବେଳେ ପାଇଖାନା ଭିତରେ ଖିଆପିଆ କରୁଛନ୍ତି । ଏ ନେଇ ମଧୁ ଜିଲାପାଳଙ୍କ ଜନ ଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ମାଳିସାହି ସମିତି ସଭ୍ୟାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ଆସି ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେବେ ଆବାସ ଯୋଜନା ତାଲିକାରେ ମଧୁଙ୍କର ନାମ ନାହିଁ । ନାମ ସଂଯୋଗ କରିବା ପରେ ପାଳି ପଡିଲେ ତାଙ୍କୁ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ବିଡିଓ ମିଶ୍ର କହିଛନ୍ତି।



ମଧୁ ବାସଗୃହ ଭାବେ ବ୍ୟବହାର କରୁଥିବା ପାଇଖାନା ଘର।

